୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Vol.27 . No.2 Bhubaneswar Tuesday Feburary 04 2025 | ୨୭ତମ ବର୍ଷ ସଂଖ୍ୟା-୨ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୦୪, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଗାଁରେ ଏଲଇଡି ଲାଇଟ୍ ଯୋଜନା : ମିଟର୍ ନ ଲଗାଇ ୪୦% ଚ଼ଳୁ !



ଭୁବନେଶ୍ୱର,୩।୨(ପି.ଏନ): କେନ୍ଦୁଝରର ଯେକୌଣସି ପଂଚ଼ାୟତର ଗୋଟିଏ ଗାଁ ହେଉ କି ନୟାଗଡର ଯେକୌଣସି ପଂଚ଼ାୟତର ଗୋଟିଏ ଗାଁ ହେଉ। ସାରା ରାଜ୍ୟର ୬,୭୯୪ ପଂଚ଼ାୟତର ଗୋଟିଏ ଲେଖାଏ ଗାଁରେ ଏଲଇଡି ଷ୍ଟ୍ରିଟ୍ ଲାଇଟରେ କୋଟି କୋଟି ଟଙ୍କା ଚ଼ଳୁ କରାଯାଇଥିବା ଦେଖାଯାଉଛି। ପ୍ରତି ଜିଲ୍ଲାର କାମକୁ ଗୋଟିଏ ଗୋଟିଏ ଏକଜିକ୍ୟୁଟିଭ୍ ଏଜେନସି ବା ବିଦ୍ୟୁତ କଣ୍ଟ୍ରାକ୍ଟରଙ୍କୁ ବାଣ୍ଟି ଦିଆଯାଇଛି। ଆଉ ସେହି କଣ୍ଟ୍ରାକ୍ଟରମାନେ ଟେଣ୍ଡର ବା ୱ୍ୱାର୍କଅର୍ଡର ମୁତାବକ ଅଧିକାଂଶ ଜାଗାରେ କେବଲ୍ ସହିତ ମିଟର ନ ଲଗାଇ କେବଳ ଖୁଣ୍ଟିରେ ଏଲଇଡି ବଲ୍ବ ଲଗାଇ ଛାଡି ଦେଇଛନ୍ତି। ଆଉ ଏହି ବାଟରେ ପ୍ରତି ପଂଚ଼ାୟତ ପାଇଁ ରହିଥିବା ପ୍ରାୟ ୧ ଲକ୍ଷ ୨ ହଜାର ଟଙ୍କା କାମରୁ ୪୦ ହଜାର ଟଙ୍କାରୁ ଅଧିକ ଟଙ୍କାର ଯନ୍ତ୍ରାଂଶ ଓ ଲଗାଇବା ଖର୍ଚ୍ଚକୁ ଚ଼ଳୁ କରିଦେଇଛନ୍ତି। ୱ୍ୱାର୍କ ଅର୍ଡର ମୁତାବକ କେବଲ ବାବଦରେ ୨୫ ହଜାର ଟଙ୍କା ରହିଥିବାବେଳେ ବିଦ୍ୟୁତ ମିଟର ପାଇଁ ୧ ହଜାର ଟଙ୍କା ରହିଥିଲା। ମିଟର ପରିବହନ ଓ ଲଗାଇବା ଖର୍ଚ୍ଚ ଦେଖିଲେ ପ୍ରାୟ ୪୧,୬୧୮ ଟଙ୍କା ଆତ୍ମସାତ୍ କରାଯାଇଥିବା ଦେଖାଯାଉଛି। ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚ଼ିତ ବୋଲି କହିଛନ୍ତି ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଓ ବିଦ୍ୟୁତ ଇଂଜିନିୟର ଇଂ. ଅଜିତ କୁମାର ଭୂୟାଁ।

# ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭା ପାଇଁ ଭୋଟିଂ ହେବାକୁ ଥିବା ବେଳେ ୮ରେ ରେଜଲ୍ଟ ପ୍ରକାଶ ପାଇବ



ଭୁବନେଶ୍ୱର,୩।୨(ପି.ଏନ): ଦିଲ୍ଲୀ ଭୋଟକୁ ମଝିରେ ଗୋଟିଏ ଦିନ ବାକି ରହିଛି। ଆଜି ପ୍ରଚ଼ାରର ଶେଷ ଦିନ। ଶେଷ ଦିନରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଆପ୍ ଓ ବିଜେପି ସମେତ କଂଗ୍ରେସ ମଧ୍ୟ ସବୁ ବଳ ଲଗାଇବାରେ ବ୍ୟସ୍ତ। କଂଗ୍ରେସ ଭୋଟରଙ୍କୁ ନିଜ ଆଡକୁ ଆଣିବାକୁ ଚେଷ୍ଟା କରୁଥିଲେ ହେଁ ଆପ୍ ଓ ବିଜେପିର ପଲ୍ଲା ଦିଲ୍ଲୀରେ ଭାରି ରହିଛି। କୁହାଯାଉଛି ଦିଲ୍ଲୀରେ ତ୍ରିପାକ୍ଷିକ ଲଢେଇ ହେବ। କିନ୍ତୁ ବାସ୍ତବରେ ଏବେ ଆପ୍ ଓ ବିଜେପି ମଧ୍ୟରେ ପ୍ରକୃତ ଯୁଦ୍ଧ ଦେଖିବାକୁ ମିଳିଛି। ଦିଲ୍ଲୀ ଭୋଟକୁ ଆଉ ୪୮ ଘଣ୍ଟା ଥିବାରୁ ଆପ୍ ଓ ବିଜେପି ମଧ୍ୟରେ ଲଢେଇ ଚ଼ରମସୀମାରେ ପହଞ୍ଚିଛି। ଉଭୟ ଦଳ ପକ୍ଷରୁ ପ୍ରଚ଼ାର ମଙ୍ଗ ହେଭିୱେଟମାନେ ସମ୍ଭାଳିଛନ୍ତି। ଆପ୍ ବସ୍ ଅରବିନ୍ଦ କେଜ୍ରିୱାଲ ପ୍ରଚ଼ାରକୁ ଜୋରଦାର କରିଥିବା ବେଳେ ବିଜେପି ପାଇଁ ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଙ୍ଗ ଧରିଛନ୍ତି। ଉଭୟ ଦଳର ହେଭିୱେଟ ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ଭୋଟରଙ୍କୁ ନିଜ ଆଡକୁ ଟାଣିବାକୁ ଚେଷ୍ଟା କରୁଛନ୍ତି। ଅରବିନ୍ଦ କେଜ୍ରିୱାଲ କଂଗ୍ରେସ ବହିରୁ ଗୋଟିଏ ପୃଷ୍ଠା ଆଣି ଆଜି ସକାଳେ ବିଜେପି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ତାଙ୍କ କହିବା କଥା ଯେ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ସାଧାରଣ ଲୋକଙ୍କ ପାଇଁ କିଛି ବି କରି ନାହାନ୍ତି। ସେମାନେ ଗୋଟିଏ ଦଶନ୍ଧି ହେଲା କେବଳ ନିଜର ଶିଳ୍ପପତି ବନ୍ଧୁମାନଙ୍କୁ ଫାଇଦା ଦେଇଛନ୍ତି।

# ବିଧାନସଭା ପାଇଁ ରଣନୀତି ପ୍ରସ୍ତୁତ କରିବ ବିଜେଡ଼ି, ୧୨ରେ ବିଧାୟକ ଦଳ ବୈଠକ




ଭୁବନେଶ୍ୱର,୩।୨(ପି.ଏନ): ଭୁବେନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନରେ ଏହି ବୈଠକ ଅନୁଷ୍ଠିତ ହେବ। ସୂଚ଼ନା ଅନୁଯାୟୀ, ଶଙ୍ଖ ଭବନରେ ଏହି ବୈଠକ ବସିବାକୁ ଥିବାବେଳେ ବିଧାନସଭା ପାଇଁ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି।ସେପଟେ ଆଜି ଆରମ୍ଭ ହୋଇଛି ବିଜେଡି ସମନ୍ୱୟ କମିଟି ବୈଠକ। କମିଟି ଅଧ୍ୟକ୍ଷ ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନରେ ବୈଠକ ଚ଼ାଲିଛି। ସାଂଗଠନିକ ନିର୍ବାଚ଼ନ ପୂର୍ବରୁ ବିଜେଡି ସମନ୍ୱୟ କମିଟିର ଏହା ଗୁରୁତ୍ୱପୂର୍ଣ୍ଣ ବୈଠକ ବୋଲି କୁହାଯାଉଛି। ଏହି ବୈଠକରେ ସମନ୍ୱୟ କମିଟିର ସଦସ୍ୟ, ଆଡଭାଇଜର କମିଟି ସଦସ୍ୟ, ପରାମର୍ଶଦାତା କମିଟି ଏବଂ ସଦସ୍ୟତା କମିଟିର ଆବାହକମାନେ ଉପସ୍ଥିତ ରହିବା ନେଇ ସୂଚ଼ନା ମିଳିଛି।

## ଖଣ୍ଡଗିରି ମେଳାରେ ଅଶ୍ଳୀଳ ନୃତ୍ୟ ବନ୍ଦ ନିର୍ଦ୍ଦେଶ ଦେଲେ ବିଏମସି କମିଶନର



ଭୁବନେଶ୍ୱର,(ପି.ଏନ): ଯାତ୍ରା ପାର୍ଟି ମାଲିକଙ୍କୁ ବିଏମସିର ତାଗିଦ୍ । ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କମିଶନରଙ୍କ ନିର୍ଦ୍ଦେଶ ।ସମସ୍ତ ଯାତ୍ରା ପାର୍ଟି ମାଲିକଙ୍କୁ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଦେଇଛନ୍ତି ନିର୍ଦ୍ଦେଶ । ମର୍ଯ୍ୟାଦା ଭିତରେ ରହି ଯାତ୍ରା ପରିବେଷଣ କରିବାକୁ ପରାମର୍ଶ ଦେଲେ କମିଶନର ।ସ୍ଥାୟୀ ଆଲୋକୀକରଣ, ପାନୀୟ ଜଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ । ଗାଇଡଲାଇନ ଅନୁସାରେ ଯାତ୍ରା ହେବା ନେଇ ଆଶା ଥିବା ପାଟିଲ କହିଛନ୍ତି ।କାଲିଠାରୁ ଆରମ୍ଭ ହେବାକୁ ଯାଉଛି ଖଣ୍ଡଗିରିମେଳା । ମେଳା ବୁଲିବାକୁ ଆସୁଥିବା ଦର୍ଶକ ଏବଂ ଅସ୍ଥାୟୀ ଦୋକାନୀଙ୍କ ପାଇଁ ସୁବ୍ୟବସ୍ଥା ଉଭୟ ସରକାର ଓ ବିଏମସି ପକ୍ଷରୁ କରାଯାଇଛି ।

# ଜଳଜଳ ଦିଶୁଛି ପ୍ରଶାସନିକ ତ୍ରୁଟିବିଚ୍ୟୁତି, ଏହା ପ୍ରାୟୋଜିତ କି ?




ଭୁବନେଶ୍ୱର,୩।୨(ପି.ଏନ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୮ମାସ ପୁରିଲାଣି । କିନ୍ତୁ ଏପର୍ଯ୍ୟନ୍ତ ପ୍ରଶାସନିକସ୍ତରରେ ଶୃଙ୍ଖଳା ଓ କାର୍ଯ୍ୟଧାରା ବ୍ୟବସ୍ଥିତ ହୋଇପାରୁନି । ବରିଷ୍ଠ ଆଇଏଏସ୍ ମନୋଜ ଆହୁଜାଙ୍କ ଭଳି ଜଣେ ଅଭିଜ୍ଞ ଅଫିସରଙ୍କୁ ମୁଖ୍ୟ ସଚ଼ିବ ଭାବେ ଅବସ୍ଥାପିତ କରାଯାଇଥିଲେ ମଧ୍ୟ ରାଜ୍ୟ ପ୍ରଶାସନିକ କଳ ଏପର୍ଯ୍ୟନ୍ତ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ କରିବା ସମ୍ଭବପର ହୋଇପାରିନି। ଓଲଟା ରାଜ୍ୟ ସରକାରଙ୍କ ରୁଲସ୍ ଅଫ୍ ବିଜିନେସ୍ , ପ୍ରୋଟୋକଲ ଓ ନିର୍ଦ୍ଦେଶକୁ ଖୋଲାଖୋଲି ଅଣଦେଖା କରାଯାଉଛି । ଏସବୁ ପ୍ରଶାସନିକ ବିଲକ୍ଷଣ ଏବେ ପାୱାର କରିଡରରେ ଚ଼ର୍ଚ୍ଚାର ବିଷୟ ପାଲଟିଥିଲେ ମଧ୍ୟ ମୋହନ ମାଝୀ ସରକାରଙ୍କୁ ବଦନାମ କରିବାକୁ ଏହା ପ୍ରାୟୋଜିତ କାର୍ଯ୍ୟକ୍ରମ ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ଅନଲାଇନ ଟିକଟ ବୁକିଂରେ ସମସ୍ୟା ନେଇ କଟକିଆ ନିରାଶ, ୫-୬ରେ ଅଫଲାଇନ୍ ଟିକେଟ୍ ବିକ୍ରି

କଟକ,୩।୨(ପି.ଏନ): ବାରବାଟୀରେ ୯ ତାରିଖରେ ହେବ ଭାରତ- ଇଂଲଣ୍ଡ ମ୍ୟାଚ୍ । ଯାହାକୁ ନେଇ କଟକ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ହେଲେ ଟିକଟ ପାଇଁ ସେମାନଙ୍କୁ ନିରାଶ ହେବାକୁ ପଡିଥିବା ଜଣାପଡିଛି ।ଅନ୍ ଲାଇନରେ ଟିକଟ ବିକ୍ରି ୨ ତାରିଖରୁ ଆରମ୍ଭ ହୋଇଯାଇଛି । ରିପୋର୍ଟ ମୁତାବକ ଅନଲାଇନରେ ୪୦୦୦ ଟିକଟ ବିକ୍ରି ହୋଇସାରିଛି । ହେଲେ ଅନଲାଇନରେ କୌଣସି ବ୍ୟତିକ୍ରମ ସକାଶୁ ଟିକଟ ବୁକିଂ ସମ୍ଭବପର ହୋଇ ନ ଥିବା କହିଛନ୍ତି କଟକର କିଛି ଲୋକ ।ଅନଲାଇନରେ ତ୍ରୁଟି: ସେମାନଙ୍କ ମତରେ ଅନଲାଇନ ଟିକଟ ବୁକିଂ ସୁବିଧା ଜନକ କିନ୍ତୁ ବ୍ୟବସ୍ଥା ଠିକ୍ ନଥିବ କାରଣରୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି । ଅନଲାଇନ ଟିକଟ ବୁକିଂବେଳେ ସର୍ଭର ଡାଉନ୍ ହୋଇଯାଉଥିବାବେଳେ ପ୍ରସେସିଂ ଡେରି ହେଉଛି, ଯାହା ପାଇଁ ଘଣ୍ଟା ଘଣ୍ଟା ମୋବାଇଲ ଓ କମ୍ପ୍ୟୁଟର ସାମ୍ନାରେ ବସିରହିବାକୁ ପଡୁଛି ।ଏ ନେଇ ଓସିଏ ପକ୍ଷରୁ ସୁବନ୍ଦୋବସ୍ତ କରିବା ପାଇଁ ଲୋକ ଦାବି କରିଛନ୍ତି । ଅନ୍ୟପକ୍ଷେ, ଏଥରକ ଭିଭିଆଇପି ପାସ୍ ଓ ପାସ୍ ମାତ୍ରାଧିକ ଲୋକଙ୍କୁ ବାଣ୍ଟିବା ନେଇ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ରିପୋର୍ଟ ମୁତାବକ ୨୯,୦୦୦ ଲୋକଙ୍କ ପାଇଁ ପାସ୍ ରଖାଯାଇଥିବାବେଳେ ୬୯,୦୦୦ ଲୋକଙ୍କ ପାଇଁ ଟିକଟ ଉପଲବ୍ଧ ରହିଛି ।ଲୋକେ ଉତ୍ସାହିତ: ଅଫ୍ ଲାଇନ ଟିକଟ ପାଇଁ କାଉଣ୍ଟରରେ ଭିଡହେବାକୁ ଥିବାବେଳେ କିଛି ଲୋକ ଅଫଲାଇନ୍ ଟିକେଟ୍ ବୁକିଂ ଉପରେ ନଜର ରଖିଛନ୍ତି । ଆଉ କିଛି ଲୋକ କହିଛନ୍ତି ଅଫଲାଇନରେ ଟିକଟ ମିଳିବା ସହଜ ନୁହେଁ ।

# ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ସରକାର ତତ୍ପର, ଭୁବନେଶ୍ୱର ନଆସି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରନ୍ତୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩।୨(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଷ୍ଟମ ଥର ପାଇଁ ଶୁଣାଣି ହୋଇଛି । ଅଭିଯୋଗ ଶୁଣି ତୁରନ୍ତ ପଦକ୍ଷେପ ନେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ । ଆଜି ଯାଏଁ ୮୧ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିବା କଥା ସେ କହିଛନ୍ତି ।ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ପର୍ଯ୍ୟନ୍ତ ୮୦୩୧ଟି ଦରଖାସ୍ତ ଆସିଲାଣି । ସେଥି ମଧ୍ୟରୁ ୬୫୪୫ ଅଭିଯୋଗର ଶୁଣାଣି ଶେଷ ହୋଇଛି । ପ୍ରାୟ ୮୧ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି ।ତେବେ ଅଭିଯୋଗ କରିବା ପାଇଁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଗହଳି ହେଉଥିବା ବେଳେ ସେମାନଙ୍କୁ କିଛି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ବେଶୀ ଖର୍ଚ୍ଚ କରି ଭୁବନେଶ୍ୱର ନ ଆସି ପ୍ରଥମେ ଜିଲ୍ଲାପାଳଙ୍କୁ ଜଣାନ୍ତୁ ବୋଲି ସେ ଜନସାଧାରଙ୍କୁ କହିଛନ୍ତି ।ତେବେ ଆଜି ଅଭିଯୋଗ ଶୁଣୁଶୁଣୁ ହଠାତ୍ ଆକ୍ୱନ ମୋଡକୁ ଆସିଥିଲେ ମୁଖ୍ୟମନ୍ତ୍ରୀ । ରୋଗୀକୁ ଦେଖୁ ଦେଖୁ ସଙ୍ଗେ ସଙ୍ଗେ ହସ୍ପିଟାଲ ପଠାଇଲେ ମୁଖ୍ୟମନ୍ତ୍ରୀ । ଅଭିଯୋଗ ପ୍ରକୋଷ୍ଠରୁ ଚ଼ିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବଜେଟରେ ବାସ୍ତବ ଆର୍ଥିକ ପ୍ରଶ୍ନର ଉତ୍ତର କେତେ ଅଛି ?

ଭୁବନେଶ୍ୱର,୩।୨(ପି.ଏନ): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆଗତ କରିବା ପରେ ଏଥିରେ ମଧ୍ୟମ ଆୟ ଶ୍ରେଣୀରେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକରଦାତାଙ୍କୁ ଟିକସ ଛାଡ କରାଯାଇଥିବାରୁ ଏହି ଶ୍ରେଣୀ ଆନନ୍ଦିତ ହେବା ସ୍ୱାଭାବିକ। କିନ୍ତୁ କେନ୍ଦ୍ର ବଜେଟ୍ ଆଗତ ପୂର୍ବରୁ ଭାରତର ବାସ୍ତବ ଆର୍ଥିକ ସ୍ଥିତି ନେଇ ଯେଉଁ ଆର୍ଥିକ ସର୍ଭେ ? ରିପୋର୍ଟ ଉପସ୍ଥାପିତ ହୋଇଥିଲା ଏବଂ ସେଥିରେ ଭାରତୀୟ ଅର୍ଥନୀତିରେ ଦେଖା ଦେଇଥିବା ସଙ୍କଟଗୁଡିକ ସହିତ ଭବିଷ୍ୟତ ରୂପରେଖ ବିଷୟରେ ଯେଉଁ ପରାମର୍ଶ ଦିଆଯାଇଥିଲା ତାହା ବଜେଟରେ କେତେଦୂର ପ୍ରତିଫଳିତ ହୋଇଛି ତାହା ଉପରେ ଦେଶର ଅର୍ଥନୀତିର ଦିଗ ନେଇ ଆଲୋଚ଼ନା ହେବା କଥା।ଏହି ଆର୍ଥିକ ସର୍ଭେରେ ସ୍ପଷ୍ଟ ଭାବରେ କୁହାଯାଇଥିଲା ଯେ, କୋଭିଡ୍ ପରେ ପ୍ରାୟ ୪ ବର୍ଷ କାଳ ଭାରତର ଆର୍ଥିକ ଅଭିବୃଦ୍ଧି ସନ୍ତୋଷଜନକ ଥିଲାବେଳେ ଚ଼ଳିତ ଆର୍ଥିକ ବର୍ଷରେ ସେହି ସ୍ଥିତି ନାହିଁ। ଷ୍ଟକ୍ ମାର୍କେଟରେ ସ୍ଥିରତା ନାହିଁ। ଭାରତୀୟ ମୁଦ୍ରା ଦୁର୍ବଳ ହୋଇଛି। ଦେଶ ଭିତରେ ଚ଼ାହିଦା ଆଶାନୁରୂପକ ବୃଦ୍ଧି ପାଉନାହିଁ। କେନ୍ଦ୍ର ସରକାର ପୁଞ୍ଜି କ୍ଷେତ୍ରରେ ଯେଉଁ ଆଗ୍ରହ ପ୍ରଦର୍ଶନ କରୁଛନ୍ତି ସେଥିରେ ଘରୋଇ ପୁଞ୍ଜି ଆକର୍ଷିତ ହେଉନାହିଁ। କେନ୍ଦ୍ର ସରକାର ପୁଞ୍ଜି କ୍ଷେତ୍ରରେ ବାର୍ଷିକ ହାରାହାରି ଶତକଡା ୧୬ ହାରରେ ଅଭିବୃଦ୍ଧି ପ୍ରଦର୍ଶନ କରିଥିଲେ ମଧ୍ୟ ଘରୋଇ କମ୍ପାନୀମାନେ ମାତ୍ର ଶତକଡା ୬ ହାରରେ ପୁଞ୍ଜି ବିନିଯୋଗ କରୁଛନ୍ତି। ଯଦିଓ ଏହି କମ୍ପାନୀମାନଙ୍କୁ ସରକାର ଭଲ ଟିକସ ରିହାତି ପ୍ରଦାନ କରିଛନ୍ତି। ଫଳରେ ଭାରତୀୟ ଅର୍ଥନୀତିରେ ଏକ ମାନ୍ଦା ଅବସ୍ଥା ଦେଖାଦେଇ ଅଭିବୃଦ୍ଧି ହାର ଚ଼ଳିତ ବର୍ଷ ଗତ ବର୍ଷ ତୁଳନାରେ ହ୍ରାସ ପାଇଛି। ଆମେରିକାର ନୂଆ ପ୍ରଶାସନ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଓ ଟିକସ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି। ଫଳରେ ଜଗତୀକରଣ ପ୍ରକ୍ରିୟା ପଛଘୁଂଚ଼ା ଦେବାର ପୂର୍ଣ୍ଣ ସୂଚ଼ନା ମିଳୁଛି। ତେଣୁ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହାସଲ ପାଇଁ ଘରୋଇ କାରଣଗୁଡିକୁ ଚ଼ିହ୍ନଟ କରି ସେଗୁଡିକ ଦୂର କରିବା ନିହାତି ଆବଶ୍ୟକ।

ଚ଼ଳିତ ବର୍ଷର ଆର୍ଥିକ ଅଭିବୃଦ୍ଧିରେ ଦେଖାଯାଇଥିବା ପ୍ରତିବନ୍ଧକ ଭିତରେ ଆନ୍ତର୍ଜାତିକ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅବସ୍ଥା ଯୋଗୁ ଆସନ୍ତା ବର୍ଷ ଅଭିବୃଦ୍ଧି ହାର ଶତକଡା ୬.୩ରୁ ୬.୮ ଭିତରେ ସୀମାବଦ୍ଧ ରହିବ। କିନ୍ତୁ ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ବାର୍ଷିକ ଅଭିବୃଦ୍ଧି ହାର ଶତକଡା ୮ରୁ ଅଧିକ ହେବା ଜରୁରୀ। ଏପରିକି ଆର୍ଥିକ ସର୍ଭେ ?କୁ ଅନୁଧ୍ୟାନ କଲେ ଯେ କେହି କହିପାରିବ ଯେ, ୧୯୯୧ ଯେପରି ଭାରତ ଆର୍ଥିକ ସଂସ୍କାର ଆଣି ଲାଇସେନ୍ସ ପରମିଟ୍ ରାଜ୍ ଖତମ୍ କରିଥିଲା ସେହିପରି ଏକ ବଡ ଧରଣର ଆର୍ଥିକ ସଂସ୍କାର ଏବେ ଦେଶ ଆବଶ୍ୟକ କରୁଛି। ଉପରୋକ୍ତ ପୃଷ୍ଠଭୂମିରେ ଦେଖିଲେ ୨୦୨୫-୨୬ ବଜେଟରେ ଆୟକର କ୍ଷେତ୍ରରେ ଦିଆଯାଇଥିବା ରିହାତି ଯୋଗୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବଜାରରେ ପ୍ରବେଶ କରି ଘରୋଇ ଚ଼ାହିଦା ବ ?ାଇବ ବୋଲି ବିଚ଼ାର କରାଯାଇଛି। କିନ୍ତୁ ଏହି ୧ ଲକ୍ଷ କୋଟି ଟଙ୍କାର ଚ଼ାହିଦା ବୃଦ୍ଧି ଅର୍ଥନୀତିକୁ ବାସ୍ତବରେ କେତେ କ୍ରୀୟାଶୀଳ କରିପାରିବ ? ଭାରତରେ ମୋଟ୍ ୯ କୋଟି ଲୋକ ଆୟକର ରିଟର୍ଣ୍ଣ ଦେଉଥିବା ସମୟରେ ସେମାନଙ୍କ ଭିତରୁ ପ୍ରାୟ ସା ?? ୪ କୋଟି ବାସ୍ତବରେ କୌଣସି ଆୟକର ଦିଅନ୍ତି ନାହିଁ। ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଲୋକଙ୍କ ସଂଖ୍ୟାକୁ ଯଦି ବିଚ଼ାର କରାଯାଏ, ସେମାନଙ୍କ ସଂଖ୍ୟା କେତେ ହେବ ? କାରଣ ୧୨ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା ଶ୍ରେଣୀ ପାଇଁ ଆୟକର ବ୍ୟବସ୍ଥା ପୂର୍ବପରି ରହିଛି। ଭାରତର ମୋଟ୍ ୧୪୦ କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ଶତକଡା ୩ ଭାଗ ହେବ। କିନ୍ତୁ ଦେଶର ସଂଖ୍ୟାଗରିଷ୍ଠ ଶ୍ରେଣୀ ଯେଉଁମାନେ ଦିନ ମଜୁରିଆ ଓ ମାସିକ ୧୫ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି, ସେମାନଙ୍କର ଆର୍ଥିକ ଅବସ୍ଥାରେ ବା ମଜୁରି ବୃଦ୍ଧି ନପାଇଲେ ବଜାରରେ ପ୍ରକୃତ ଚ଼ାହିଦା ବ ?ିବାର ସମ୍ଭାବନା ନାହିଁ। ଅର୍ଥନୈତିକ ସର୍ଭେ ? ରିପୋର୍ଟ ଅନୁସାରେ ଏହି ଶ୍ରେଣୀର ଲୋକମାନଙ୍କ ପ୍ରକୃତ ଆୟ ମୁଦ୍ରାସ୍ଫୀତିକୁ ବାଦ୍ ଦେଲେ ୨୦୧୭ ସ୍ତରରେ ରହିଛି। ଏହି ଶ୍ରେଣୀ ହାତରେ ବ୍ୟୟ କରିବା ପାଇଁ ଅର୍ଥ ନାହିଁ। ଯେଉଁଥିପାଇଁ ଏହି ଶ୍ରେଣୀ ସମ୍ପୂର୍ଣ୍ଣ ଭାବରେ ପାଉଚ୍ କାରବାର ଉପରେ ଜୀବନ କଟାଉଛନ୍ତି। ଏହି ଶ୍ରେଣୀ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ବ୍ୟୟ କଲା ପରେ ଜୀବନଯାପନ ପାଇଁ ଋଣଗ୍ରସ୍ତ ହେଉଛନ୍ତି। ଶିକ୍ଷାଲାଭ ପରେ ମଧ୍ୟ ଭଲ ନିଯୁକ୍ତିଟିଏ ପାଇବା ଏହି ଶ୍ରେଣୀ ପାଇଁ ଅସମ୍ଭବ ହେଉଛି। ଏଣୁ ନିଯୁକ୍ତି ସୃଷ୍ଟି ନ ହେଲେ ଏହି ଶ୍ରେଣୀର ଆୟ ବ ?ିବ ନାହିଁ ବା ବଜାରରେ ଚ଼ାହିଦା ବ ?ିବ ନାହିଁ। କିନ୍ତୁ ଏହି ଶ୍ରେଣୀ ପରୋକ୍ଷ ଟିକସ କ୍ଷେତ୍ରରେ ଧନୀ ଶ୍ରେଣୀ ସହିତ ସମାନ ଭାବରେ ଟିକସ ପ୍ରଦାନ କରୁଛନ୍ତି। ଜିଏସଟି ବ୍ୟବସ୍ଥା ଯେପରି ଚ଼ାଲିଛି ସେଥିରେ କେନ୍ଦ୍ର ସରକାରଙ୍କର ସବୁଠାରୁ ବଡ ରାଜସ୍ୱ ଏବେ ଏହି ପରୋକ୍ଷ ଟିକସ କ୍ଷେତ୍ରରୁ ଆସୁଛି। ଅର୍ଥମନ୍ତ୍ରୀ ଅସନ୍ତା ବର୍ଷର ବଜେଟ୍ ଉପସ୍ଥାପିତ କରିବା ସମୟରେ ଗତ ବର୍ଷ ବଜେଟରେ ଯେଉଁସବୁ କ୍ଷେତ୍ରକୁ ଯାହାସବୁ ବ୍ୟୟ ବରାଦ କରିଥିଲେ ସେଗୁଡିକ କୌଣସି କ୍ଷେତ୍ରରେ ସମ୍ପୂର୍ଣ୍ଣ ଉପଯୋଗ ହୋଇନାହିଁ ବୋଲି ମାନିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ସର୍ବ ?ାପରି ଗ୍ରାମ୍ୟ ଉଦ୍ୟୋଗରେ ବ୍ୟୟବରାଦର ଖର୍ଚ୍ଚ ହୋଇପାରୁନାହିଁ। କେବଳ ଗ୍ରାମ୍ୟ ଉଦ୍ୟୋଗରେ ୭୫ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇନାହିଁ। ସରକାରୀ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଶିକ୍ଷକ ଓ ଅଧ୍ୟାପକ ନାହାନ୍ତି। ଶିକ୍ଷା ବଜେଟର ପ୍ରାୟ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇପାରି ନାହିଁ। ବିଭିନ୍ନ ବିଭାଗରେ ଖର୍ଚ୍ଚ କମାଇ ବିତ୍ତୀୟ ନିଅଂଟର ଲକ୍ଷ୍ୟ ପୂରଣ କରାଯାଉଛି। ଆସନ୍ତା ବର୍ଷ ବଜେଟରେ ୧ ଲକ୍ଷ କୋଟି ଟଙ୍କାର ଆୟକର ଛାଡ ପରେ ମଧ୍ୟ ବିତ୍ତୀୟ ନିଅଂଟ ଶତକଡା ୪.୪ରେ ସୀମିତ ରହିବ ବୋଲି କୁହାଯାଇଛି। ଅସଲ କଥା ହେଉଛି, ଅର୍ଥନୈତିକ ସର୍ଭେ ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, କମ୍ପାନୀମାନଙ୍କର ଲାଭ ବେଶ୍ ଉତ୍ସାହଜନକ ଥିବାବେଳେ ସାଧାରଣ ଲୋକମାନଙ୍କର ମଜୁରୀ ବଢୁନାହିଁ। ତେଣୁ ଦେଶରେ ପ୍ରକୃତ ଆର୍ଥିକ ସମୃଦ୍ଧି ପାଇଁ ଲାଭର ସମବଂଟନ ହେବା ଅତି ଜରୁରୀ। ଏହା ଅଭିବୃଦ୍ଧିକୁ ସହାୟକ ହେବ। ଦେଶରେ ନିଯୁକ୍ତ ହାର ଶତକଡା ୧.୫ ହାରରେ ବଢୁଥିବା ବେଳେ କମ୍ପାନୀମାନଙ୍କ ଲାଭ ଶତକଡା ୨୨ ହାରରେ ପହଂଚ଼ିଛି। ଯେଉଁ କମ୍ପାନୀମାନେ ୧୯୨୨-୨୩ରେ କର୍ମଚ଼ାରୀଙ୍କ ଦରମା ବା ମଜୁରୀ ବାବଦରେ ଶତକଡା ୧୭ ଭାଗ ଖର୍ଚ୍ଚ କରୁଥିଲେ ଏହା କମିଯାଇ ୨୦୨୩-୨୪ରେ ଶତକଡା ୧୩ରେ ପହଂଚ଼ିଛି। ଏହିପରି ଅବସ୍ଥାରେ କର୍ମଚ଼ାରୀମାନଙ୍କୁ ସପ୍ତାହକୁ ୭୦ ଘଂଟା ବା ୯୦ ଘଂଟା କାମ କରିବା ପାଇଁ କିପରି କୁହାଯାଇପାରିବ ?ଭାରତ ବିଶ୍ୱର ପଂଚ଼ମ ଅର୍ଥନୀତି ଓ କିଛି ବର୍ଷ ଭିତରେ ତୃତୀୟ ଅର୍ଥନୀତିରେ ପରିଣତ ହେବ ବୋଲିକ ୍ହାଯାଉଛି। ଏହି କଥା କୁହାଯାଇ ନିଜକୁ ବିଶ୍ୱଗୁରୁ କହିବାକୁ ହେଲେ ଦେଶ ଭିତରେ ପ୍ରତି କ୍ଷେତ୍ରରେ ସେହି ଅନୁସାରେ ଅଭିବୃଦ୍ଧି ଆବଶ୍ୟକ। ବିଶ୍ୱ ବାଣିଜ୍ୟ ମାନଚ଼ିତ୍ରରେ କେବଳ ସେବା କ୍ଷେତ୍ରକୁ ଛାଡିଦେଲେ ଭାରତର ବିଶ୍ୱ ବାଣିଜ୍ୟରେ ଅଂଶ ହେଉଛି ମାତ୍ର ଶତକଡା ୨ ଭାଗ। ଭାରତର ରାଜନୈତିକ ଓ ଭୌଗୋଳିକ ସ୍ଥିତି ଯୋଗୁ ବିଶ୍ୱରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ହେଲେ ମଧ୍ୟ ଅର୍ଥନୈତିକ କ୍ଷେତ୍ରରେ, ବିଜ୍ଞାନରେ ଓ ଇନୋଭେସନରେ ଭାରତକୁ ଏକ ପ୍ରଭାବଶାଳୀ ଅବସ୍ଥାକୁ ଆଣିବାକୁ ହେଲେ ଯେଉଁ ଧରଣର ପ୍ରଚେଷ୍ଟା ପ୍ରତି ବଜେଟରେ ରହିବା କଥା ତାହା ଅନୁଭୂତ ହେଉନାହିଁ। ପ୍ରଧାନମନ୍ତ୍ରୀ ଜଳ ଜୀବନ ମିଶନ୍ ଜରିଆରେ ପ୍ରତି ଘରକୁ ପାଇପ୍ ପାଣି ଯୋଗାଇବାକୁ ନେଇଥିବା ମିଶନ୍ ବାବଦରେ ବରାଦ ଅର୍ଥ ଯଦି ଖର୍ଚ୍ଚ ନ ହେଲା ତେବେ ସରକାର ଲକ୍ଷ୍ୟ ଅନୁସାରେ କାମ କରୁଛନ୍ତି ବୋଲି କିଏ ଭାବିବ ? ସେହିପରି ବଜାରରେ ମଜୁରୀ ଦର ବ ? ଚ଼ାଲିଥିବା ସମୟରେ ମନରେଗା ଯୋଜନାରେ ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତିକୁ ୧୦୦ ଦିନର ବାର୍ଷିକ କାମ ପାଇଁ ଗ୍ୟାରେଂଟି ଦିଆଯାଉଛି ସେହି ମଜୁରୀ ନ ବ ?ିବା ଫଳରେ ଏଥିପ୍ରତି ମଜୁରୀଆଙ୍କ ଭିତରେ କୌଣସି ଆଗ୍ରହ ରହୁନାହିଁ। ୨୦୨୫-୨୬ କେନ୍ଦ୍ର ବଜେଟରେ ବିହାରକୁ ଅଧିକ ଫାଇଦା ଦିଆଯାଇଛି ଓ ସେହି ରାଜ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ହୋଇଥିବା ବେଳେ ଓଡିଶା ପାଇଁ କିଛି ସେପରି ବ୍ୟବସ୍ଥା ନଥିବାରୁ ସମାଲୋଚ଼ନା କରାଯାଉଛି।

# କ'ଣ ହିଂସାକୁ ଉସକାଇଥିଲେ ମଣିପୁର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ?



ଭୁବନେଶ୍ୱର,୩।୨(ପି.ଏନ): ମଣିପୁରରେ ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ହିଂସା ଏବେ ବି ଜାରି ରହିଛି। ସ୍ଥିତି ଏବେ ବି ସ୍ୱାଭାବିକ ହୋଇନାହିଁ। ମଣିପୁରରେ ୨୦୨୩ ମେ' ମାସରୁ ଆରମ୍ଭ ହୋଇଥିବା ହିଂସା ଯୋଗୁ ଅନେକ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ଅନେକ ଲୋକ ନିଜର ଭିଟା ମାଟି ଛାଡି ରିଲିଫ କ୍ୟାମ୍ପରେ ଜୀବନ ବିତାଉଛନ୍ତି ।ଏସବୁ ଭିତରେ ମଣିପୁର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ଗୋଟିଏ ତଥାକଥିତ ଅଡିଓ ରେକର୍ଡିଂ ପ୍ରସଙ୍ଗ ପୁଣି ବିବାଦ ସୃଷ୍ଟି କରିଛି। ଭାଇରାଲ ହୋଇଥିବା ଅଡିଓରେ ବିଜେପିର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ମଣିପୁର ହିଂସାକୁ ଉସକାଇବା ଭଳି ବୟାନ ଦେଉଥିବା ଦାବି କରାଯାଇଛି। କୁକି ସଂପ୍ରଦାୟ ପକ୍ଷରୁ ଅଡିଓ କ୍ଲିପକୁ ଆଧାର କରି ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ ଦାଖଲ କରାଯାଇଛି। ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରି ସରକାରୀ ଫରେନ୍ସିକ ଲ୍ୟାବ୍ରୋଟରୀ ସିଏଫଏସ୍ ? ଏଲକୁ ଅଡିଓ କ୍ଲିପର ସତ୍ୟତା ଉପରେ ରିପୋର୍ଟ ଦେବାକୁ କହିଛନ୍ତି। ଆବେଦନର ଶୁଣାଣି ବେଳେ ଜଷ୍ଟିସ ପିଭି ସିଞ୍ଜୟ କୁମାର ନିଜ ଆଡୁ ଏଥିରୁ ଓହରି ଯିବା ଭଲ ହେବ କି ପ୍ରଶ୍ନ କରିଥିଲେ। କାରଣ ସେ ମଣିପୁର ହାଇକୋର୍ଟରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇବା ସମୟରେ ମୁଖ୍ୟମନ୍ତ୍ରୀ ବୀରେନ ସିଂହଙ୍କ ତରଫରୁ ଆୟୋଜିତ ଡିନର ପାର୍ଟିରେ ଯୋଗଦେଇଥିଲେ। ତେଣୁ ବୀରେନ ସିଂହଙ୍କ ସହ ଜଡିତ ମାମଲାର ଶୁଣାଣିରୁ ସେ ଓହରି ଯିବାକୁ ପ୍ରସ୍ତାବ ଦେଇଥିଲେ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।




# ସତ୍ୟବାଦୀର ଶେଷ ସଖା-ଆଚାର୍ଯ୍ୟ ହରିହର



ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିରଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ। ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର। ୧୮୭୯ ମସିହା ଫାଲ୍ଗୁନ କୃଷ୍ଣ ଦ୍ୱିତୀୟା (ଫେବୃଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି। ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ। ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ। ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା।

ଗାଁର ଭର୍ଣ୍ଣାକୁଲର ସ୍କୁଲରୁ ପାଶକରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ। ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ। ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ। ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପଟଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା। ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲେ ଜନତାର ସେବକ। ମାନବିକ ତଥା ପୈତୃକିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ। ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଗ ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଗକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ। ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର। ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି। ଦିନେଦିନେ ମା ଶୁଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି। କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାଉନୁ"? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ। ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ। ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ। କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ। ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ। ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ। କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ। ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ। ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ। ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ। ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି। ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ। ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି। ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର। ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ। ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା। ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ। ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା। ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ। ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ।

ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ। ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ। ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ। ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର। ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଲ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ। ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ। କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ। ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖାନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା। ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ। ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ। ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି। ଫକୀର ମିଶ୍ରଙ୍କ ସାହାଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ। ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା। ସେ ଏକାବେଳକେ ତଟସ୍ଥ ହୋଇଗଲେ। ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା। ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ। ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ। ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି। ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି। ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି। ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା। ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ। କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ।

## ବସ୍ତିବାସିନ୍ଦାଙ୍କ ବିକାଶରେ ପିପିଏଲ ସାଜିଛି ବାଧକ : ନୀଯୁକ୍ତି ଓପରିବେଶ ସମାସ୍ୟା ସମାଧାନ ପାଇଁ ପାରାଦୀପ ବସ୍ତିବାସିନ୍ଦା ସୁରକ୍ଷା ପରିଷଦ ପକ୍ଷରୁ ଜନଆନ୍ଦୋଳନ ଡାକରା



ପାରାଦୀପ,(ପି.ଏ): ପାରାଦୀପ ପିପିଏଲ ପରିସରରେ ରହୁଥିବା ଶାରଳା କଲୋନୀ, ଫାଣ୍ଡି କଲୋନୀ, ସତସଙ୍ଗ କଲୋନୀଓ ପିପିଏଲ ର ବସ୍ତିବାସିନ୍ଦାଙ୍କ ନିକଟରେ ସରକାରଙ୍କ ସହାୟତା ପହଞ୍ଚି ପାରୁନି ।ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କରିବାରେ ପିପିଏଲ୍ ବାଧକ ସାଜୁଛି । ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରିବା ସହିତ ବସ୍ତିବାସିନ୍ଦାମାନଙ୍କୁ ଆକ୍ରମଣ କରିବାକୁ ପଛାଉ ନାହିଁ ବୋଲି ରବିବାର ଦିନ ସାମ୍ବାଦିକ ସମ୍ମିଳନୀରେ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ପରିଷଦର ସଭାପତି ରତ୍ନାକର ଜେନା ଅଭିଯୋଗ କରିଥିଲେ ଯେ, ବସ୍ତିରେ କେହି ଯଦି ନିଜ ଘରକୁ ପାଣି ସଂଯୋଗ କରୁଛି ପିପିଏଲ ଏହାକୁ କାଟି ଦେଉଛି। ଲୋକେ ପାଣି ପାଇଁ ଉତ୍କଟଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଇଖାନା କରାଇଦେଉନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ସ୍ୱଚ୍ଛଭାରତ ଲକ୍ଷ୍ୟ ପିପିଏଲ ରେ ଫସରଫାଟି ଯାଇଛି। ପିପିଏଲ୍ ?ର ଏହି ଜନବିରୋଧୀ କାର୍ଯ୍ୟ ବିରୋଧରେ ମଙ୍ଗଳବାର ଦିନ ସଖାଳୁ ପିପିଏଲ୍ ଫାଟକ ସମ୍ମୁଖରେ ବିକ୍ଷୋଭ କରିବାପାଇଂପରିସଦ ଡାକରା ଦିଆଯାଇଛି । ଏଭଳି ଅମାନବିୟ କାର୍ଯ୍ୟରୁ ବିରତ ନରହିବା ପର୍ଯ୍ୟନ୍ତ ଆନ୍ଦୋଳନ ଚ଼ାଲିବ ବେଲି ପରିଷଦର ସମ୍ପାଦକ ଗୋଲେଖ ଚ଼ନ୍ଦ୍ର ସାହୁ, ଉପସଭାପତି ଅନନ୍ତ ଜେନା, ସୁଲେମନ ରାଜୁ ଅଜିତ୍ ଷଡଙ୍ଗୀ, ସୁକାନ୍ତ ଦାସ, ପୂର୍ବତନ ପାରିଷଦ ମନୋଜ ବେହେରା,ଦିଲିପ ବେହେରା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ସର୍ବ ?ଶ୍ୱ ଶ୍ୱର ଜେନା ପ୍ରମୁଖ କହିଛନ୍ତି ।ଉଲେଖ ଥାଉକି ପିପିଏଲରୁ ନୀର୍ଗତ ରାସାୟନୀକ ଗ୍ୟାସର ପ୍ରଭାବରେ ନଇନାଳରେ ମାଛ, କଙ୍କଡା ଓ ଜଳଜୀବ ନଷ୍ଟ ହେଇଯାଇଥିବାରୁ ଅନେକ ଲୋକ କୌଳିକବତି ହରାଇ ଦୟନୀୟ ଅବସ୍ଥାରେ ବଚ଼ୁଛନ୍ତି ।ପିପିଏଲର ଧୁଳି, ଧୁଆ, ଜିପସମ ଗୁଣ୍ଡ ପାରାଦୀପର ଆକାଶ କୁ ଆଛାଦିତ କରିଥିବାବେଳ ସାଧାରଣ ଲେ ?କ ନାନାରେ ?ଗ ରେ ପିଡିତ ହେଉଥିବା ପରିଷଦ ଅଭିଯୋଗ କରିଛି। କାରଖାନାରେ ବାହାର ରାଜ୍ୟର ଲୋକ ନିଯୁକ୍ତି ପାଉଥିବା ବେଳେ ସ୍ଥାନୀୟ ଲେ ?କ ଙ୍କୁ ଅଣଦେଖା କରାଯାଉଥିବାରୁ ଶିକ୍ଷାଚ଼ଳ ଲେ ?କ ବାହାର ରାଜ୍ୟକୁ କାମଧନ୍ଦା ପାଇଂ ପଳାଉଥିବା ଦେଖବାକୁ ମିଳୁଛି।

## ପାରାଦୀପ ପୋର୍ଟ ୟୁପି ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ

ପାରାଦୀପ ,(ପି.ଏନ): ପାରାଦୀପ ପୋର୍ଟ ଟ୍ରଷ୍ଟ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ଚ଼ରଣ ଖୁଣ୍ଟିଆ ଗତ ଜାନୁଆରୀ ୩୧ ତାରିଖ ଦିନ ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ସ୍କୁଲରେ ଆୟୋଜିତ ବିଦାୟକାଳୀନ ସଭାରେ ବନ୍ଦରର ଉପ ସଚ଼ିବ ପରାଉ ଟୁଡୁ, ବରିଷ୍ଠ ସହାୟକ ସଚ଼ିବ ଦେବଦତ୍ତ ଶତପଥୀ, ସ୍କୁଲର ପ୍ରାକ୍ତନ ଛାତ୍ର ତଥା ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ନୀରୋଜ ପଟ୍ଟନାୟକ, ସହାୟକ ସଚ଼ିବ ବିଜୟ ଚ଼ନ୍ଦ୍ର ମଲ୍ଲିକ ଓ ପ୍ରାକ୍ତନ ଛାତ୍ର ତଥା ଯୋଗଗୁରୁ ଜ୍ୟୋତିର୍ବିଦ ଇଂ. ତାପସ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଖୁଣ୍ଟିଆଙ୍କ ସଫଳ କାର୍ଯ୍ୟକାଳ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଓ ଅବସର କାଳୀନ ଜୀବନ ସୁଖମୟ ହେବା ନିମନ୍ତେ କାମନା କରିଥିଲେ । ଶ୍ରୀ ଖୁଣ୍ଟିଆ ୧୯୯୭ ମସିହାରେ ବନ୍ଦର ୟୁ ପି ସ୍କୁଲରେ ଜଣେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ୩୧ ଜାନୁଆରୀ ୨୦୨୫ରେ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଛନ୍ତି ଓ ନିଜର କାର୍ଯ୍ୟକାଳ ମଧ୍ୟରେ ସ୍କୁଲର ସର୍ବାଙ୍ଗୀନ ବିକାଶ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଶିକ୍ଷା ଦାନ ପ୍ରକ୍ରିଆକୁ ତ୍ୱରାନିତ କରିଥିଲେ । ଜଣେ ସରଳ ବ୍ୟକ୍ତିତ୍ୱ ତଥା ନିଷ୍ଠାପର ଶିକ୍ଷକ ଭାବେ ସେ ସ୍କୁଲରେ ପରିଚ଼ିତ ଥିଲେ ଯାହାକି ବିଦାୟ ଦିନ ସ୍କୁଲର ଛାତ୍ର ଛାତ୍ରୀ ତଥା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଲୋତକ ଭରା ଆଖି ସୂଚ଼ାଇ ଦେଇଥିଲା ସେମାନେ ତାଙ୍କର ପ୍ରିୟ ପ୍ରଧାନ ଶିକ୍ଷକଙ୍କୁ କେତେ ଭଲ ପାଉଥିଲେ ଓ ସମ୍ମାନ କରୁଥିଲେ । ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ ହସ ହସ ମୁହଁରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଦୃଢ଼ମନା ତଥା ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ ଓ ଶିକ୍ଷକ ମାନଙ୍କୁ ସ୍କୁଲର ଅଧିକ ବିକାଶ ପାଇଁ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ । ସେହି ଦିନ ଶ୍ରୀ ଖୁଣ୍ଟିଆ ସ୍କୁଲର ସମସ୍ତ ଦାୟୀତ୍ୱକୁ ବରିଷ୍ଠ ଶିକ୍ଷୟତ୍ରୀ ଶୁଭଶ୍ରୀ ଦାସଙ୍କୁ ହସ୍ତାନ୍ତର କରି ଫେରିଯିବା ପୂର୍ବରୁ ସମସ୍ତ ଶିକ୍ଷକ ଓ ବନ୍ଦର ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଧାନ କିଣାରେ ରାଜ୍ୟ ସରକାରଙ୍କ ଚାଷୀଙ୍କ ପ୍ରତି ଚରମ ପ୍ରତାରଣା



ଭୁବନେଶ୍ୱର (ପିଏନ୍)-ବର୍ତ୍ତମାନ ସାରା ରାଜ୍ୟରେ ହଜାର ହଜାର ବସ୍ତା ଧାନ ମଣ୍ଡିରେ ପଡ଼ିଛି। ଅଦିନିଆ ବର୍ଷାଦ୍ୱାରା ଧାନ ଭିଜୁଛି, ସଢୁଛି। ଧାନର ମାନ ପରିବର୍ତାନ ହେଲାଣି। ମିଲର ଏହାର ସୁଯୋଜ ଉଣ୍ଡି ବିଭିନ୍ନ ଆଳ ଦେଖାଇ ପ୍ରତି କ୍ୟୁଂଟାଲରେ ୫ରୁ ୧୦ କେଜି ଧାନ କାଟୁଛି। ଚାଷି ଧାନ ଦେବାରେ ୨୪ ଘଂଟା ପରେ ତାର ପ୍ରାପ୍ୟ ପାଇବା କଥା କିଁୁ ବହୁ ସ୍ଥାନରେ ୮ରୁ ୧୦ ଦିନ ବିତିଯାଇଥିଲେ ମଧ ଋଷୀର ଆକାଉଂଟକୁ ଟଙ୍କା ଆସୁ ନାହିଁ। ଜାଣିଶୁଣି ମଣ୍ଡିକୁ ଟାର୍ଗେଟ କମାଇ ଦିଆଯାଉଛି। ସରକାର ଧାନ କିଣିବା ପରିବେର୍ତ ମିଲ୍‌ର ତାର ମନମାନିରେ ଧାନ କିଣୁଛି। ବ୍ୟବସ୍ଥିତ ଢ଼ଙ୍ଗରେ ମଣ୍ଡି ଚାଲୁନାହିଁ। ଅନେକ ଜିଲ୍ଲାରେ ମଣ୍ଡି ଭିର୍ତିଭୂମି ନାହିଁ, କିମ୍ବା ଗୋଦାମ ଘର ନାହିଁ। ସରକାର ଚାଷୀଙ୍କ ସ୍ୱାର୍ଥ ପରିବର୍ତେ ମିଲର ମାନଙ୍କ ସ୍ୱାର୍ଥକୁ ବେଶି ଗୁରୁତ୍ୱଦେଉର୍ଛି। ଏବେ ଧାନକିଣା ଏକ ପ୍ରହସନରେ ପାଲିଟିଛି କେବଳ କାଗଜ କଲମରେ ଚାଲିଛି ଧାନକିଣା। ସରକାରର ଏଥିପ୍ରତି ମଧ ନିଘା ନାହିଁ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି କିଷାନସେଲ ଅଧକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ସଂପୂର୍ଣ୍ଣ ଦାୟୀ କରିଛନ୍ତି। ସରକାର ଆମଗାଁ ଆମ ବିକାଶ କଥାର ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟ ଜନସଂଖ୍ୟାର ୭୦ପ୍ରତିଶତ ହେଲେ ଚାଷୀ କିଁୁ ସରକାରଙ୍କ ଖାତାରେ ଚାଷୀ ନାହାଁ। ଏ ଅଣଦେଖା କ'ଣ ପାଇଁ? ମିଲର ପ୍ରଶାସନ ଓ ସରକାରଙ୍କ ମଧୂଚନ୍ଦ୍ରିକାରେ ଧାନ କିଣାଯିବାର ବ୍ୟବସ୍ଥା କରାଯାଇ ପଂଚାୟତ ନିର୍ବାଚନରେ ବିଜେଡ଼ି ଭୋଟ ହାତେଇବାକୁ ଚାଷୀଙ୍କ ଟଙ୍କା ଲୁଟ କରୁର୍ଛି। ଚାଷୀ ଧାନ ବିକିବେ, ସରକାର ଧାନ କିଣିବେ, ମିଲର ଏହାକୁ ବୟଲ କରି ଚାଉଳ କରିବ। ରାଜ୍ୟର ଆବଶ୍ୟକ ପୂରଣ ପରେ ବଳକାଧାନର ଉତ୍ପାଦିତ ଚାଉଳକୁ ଏଫସିଆଇ କିଣିବା କଥା କିଁୁ ଏଫସିଆଇ କିଣୁନାହିଁ କେନ୍ଦ୍ର ସରକାରଙ୍କ ଜାଣିଶୁଣି ଏଦିଗରେ ରାଜନୀତି କରୁର୍ଛି। ବାରମ୍ବାର ଦାବି କରାଯାଉଥିଲେ ମଧ ଧାନର କ୍ୟୁଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ। ଏମଏସପିର ଆଇନଗତ ଗ୍ୟାରେଂଟି ମିଳିଲା ନାହିଁ। କିଁୁ ଅପରପକ୍ଷେ ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ସୁଦ୍ଧା ଚାଷୀର ଆୟ ଦୁଇଗୁଣା କରିବେ ବୋଲି ୫ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତି କେବଳ ଘୋଷଣାରେ ରହିଛି। ଚାଷୀଙ୍କ ଧାନ କିଣାଯାଉ ନାହିଁ କିମ୍ବା ଏଫସିଆଇ ରାଜ୍ୟରୁ ଚାଉଳ କିଣାଯାଉ ନାହିଁ। ଫଳରେ ବିଜେଡ଼ି ଓ ବିଜେପି କଳିରେ ଚାଷୀ ପଡୁଛି ବଳି ବୋଲି ଶ୍ରୀ ପଟ୍ଟନାୟକ କହିର୍ଛି।

ଓଡ଼ିଶାରେ ଖରିଫରେ ୫୨ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଛି। ହେବ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନରେ ୨୪ଲକ୍ଷ ମେଟ୍ରିକଟନ ଚାଉଳ ବଂଟନ ପରେ ବାକି ୨୮ଲକ୍ଷ ମେଟ୍ରିକ ଟନ ଚାଉଳରୁ ଅରୁଆ ମାତ୍ର ୪ଲକ୍ଷ ମେଟ୍ରିକ ଟନ। ଆଉ ବଳକା ୨୪ଲକ୍ଷ ମେଟ୍ରିକ ଟନ ଚାଉଳ ଏଫସିଆଇ କିଣିବା କଥା। ଏବେ ଏଫସିଆଇ ବଳାକ ଚାଉଳ କିଣୁ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅରୁଆ ଚାଉଳ ପ୍ରସ୍ତୁତି ପାଇଁ ଓଡ଼ିଶାରେ କୌଣସି ଭିତିଭୂମି ସ୍ଥାପନ କରାଯାଇ ନାହିଁ। ରାଜ୍ୟରୁ ୯୦ ପ୍ରତିଶତ ଉଷୁନା ଚାଉଳ ଉତ୍ପାଦନ କରାଯାଉଛି। କେନ୍ଦ୍ର ହେଉ କି ରାଜ୍ୟ ହେଉ। ଏଥିରେ ଚାଷୀଙ୍କ ଦୋଷ କ'ଣ। ଉଭୟ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ବାରମ୍ବାର ପ୍ରତାରିତ କରିଚାଲିର୍ଛି ବୋଲି ଶ୍ରୀ ପଟ୍ଟନାୟକ କହିର୍ଛି। ରାଜ୍ୟ ସରକାର ଅବିଳମ୍ବେ ଚାଷୀଙ୍କ ସମସ୍ତ ବଳକାଧାନ ନିର୍ଦ୍ଧାରୀତ ଏମଏସ୍‌ପିରେ କିଣିବା ସହ କେନ୍ଦ୍ର ସରକାର ରାଜ୍ୟର ଆଉ ବଳକା ୨୪ଲକ୍ଷ ମେଟ୍ରିକ ଟନ ତୁର' ଉଠା୍ଁ ବୋଲି କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଯାହାକି ଆସ'। ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଉଭୟ ବିଜେପି ବିଜେଡ଼ି ଦଳକୁ ଚାଷୀ ଏହାର ଠିକଣା ଜବାବ ଦେବେ ବୋଲି ଅଧକ୍ଷ ଶ୍ରୀ ପଟ୍ଟନାୟକ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ବରିଷ୍ଠ ମୁଖପାତ୍ର ମନୋରନ ଦାଶ, ପିସିସି କିଷାନ କଂଗ୍ରେସ ରାଜ୍ୟ ସାଧାରଣ ସଂପାଦକ ସାଇ ପ୍ରସାଦ ପାତ୍ର ଉପସ୍ଥିତି ଥିଲେ।

## ବିଭିନ୍ନ ଇଟାଭାଟିରେ ଜିଲ୍ଲା ତଦାରଖ କମିଟିର ଚଢାଉ

ଖୋର୍ଦ୍ଧା (ପିଏନ)– ଗତ ଡିସେମ୍ବର ୨୦ ତାରିଖରେ'' ଶିଶୁଙ୍କ ପାଇଁ ଦିନଟିଏ'' ବୈଠକରେ ବାଲିଅନ୍ତା ବ୍ଲକ ଅଧିନରେ ଗଢି ଉଠିଥିବା ଅନେକ ଗୁଡିଏ ଇଟାଭାଟି ବେଆଇନ ଭାବରେ ଚାଲି ଆସୁଥିବା ବେଳେ ଇଟାଭାଟିରେ କାର୍ଯ୍ୟ କରୁଥିବା ଓଡିଶାର ବିଭିନ୍ନ ଜିଲ୍ଲା ସମେତ ଅନ୍ୟ ରାଜ୍ୟର ଶ୍ରମିକ ମାନଙ୍କର ପଂଜିକରଣ ହେଉ ନଥିବାରୁ ସେମାନଙ୍କ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଇଟାଭାଟି ମାଲିକମାନେ କୌଣସି ଗୁରୁତ୍ୱ ନ ଦେଉଥିବାରୁ ଅଭିଯୋଗ ଥିଲା। ଏହି ଅଭିଯୋଗକୁ ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ଗୁରୁତ୍ୱ ଦେବା ସହ ବିଷୟରେ ବିଭିନ୍ନ ବିଭାଗକୁ ନେଇ ଏକ ତଦାରଖ କମିଟି ଗଠନ କରିଥିଲେ । ଆଜି ଅଚାନକ ଏହି କମିଟି ବାଲିଅନ୍ତା ବ୍ଲକର ହିରାପୁର ଓ ଭିଙ୍ଗାରପୁର ବିଭିନ୍ନ ଇଟାଭାଟିରେ ଚଢାଉ କରି ଶିଶୁ ମାନଙ୍କ ସୁରକ୍ଷାକୁ ନେଇ ଭାଟିର ମାଲିକ ଓ ପ୍ରବନ୍ଧକଙ୍କ ସହ ଆଲୋଚନା କରାଯାଇଥିଲା । ଏହି ଇଟାଭାଟିରେ ରହୁଥିବା ଶିଶୁ ମାନଙ୍କର ସୁରକ୍ଷା ନିମନ୍ତେ ମାଲିକ ମାନଙ୍କ ଭୂମିକା ଉପରେ ସେମାନଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ ଅଧିକାରୀ ରଞ୍ଜନ କୁମାର ଗୋଛାୟତ ସମ୍ପାଦନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବାଲିଅ'। ବିଇଓ ହିମାଂଶୁ ଭୂଷଣ ଓଝା,ଜିଲ୍ଲା ଶିକ୍ଷା ଯୋଜନା ଅଧିକାରୀ ଦେବବ୍ରତ ବାରିକ ,ରାଜସ୍ୱ ପରିଚାଳକ ଅଶୋକ କୁମାର ଦାସ,ଶ୍ରମ ନିରୀକ୍ଷକ କାଳିପୁତ୍ର କୁଳଦୀପ ପ୍ରସାଦ,ଏଡଏଟ ଆକ୍ସନର ପୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ,ସମ୍ପାଦକ ଦୀପକ ରଞ୍ଜନ ପଣ୍ଡା,ବାଲିଅ'। ଥାନାର ଏଏସ ଆଇ ହୃଷିକେଶ ବେହେରା ଓ ଚାଇଲଡ ଲାଇନର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ଦିନରେ ଏହି ତଦାରଖ କମିଟି ନିୟମିତ ଭାବରେ ବିଭିନ୍ନ ଇଟାଭାଟିରେ ଚଢାଉ କରିବ ବୋଲି ସୂଚନା ମିଳିଛି ।

## ଡେରାବିଶ ବିକାଶ ପରିଷଦର ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବିକାଶ ପରିଷଦର ଏକ ବୈଠକ ପରିଷଦ କାର୍ଯ୍ୟାଳୟ ଗୃହରେ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଓଡିଶାର ଦୁଇ ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଏଥିରେ ସମ୍ପାଦକ ଦିବାକର ନାୟକ, ଅମ୍ବିକା ପ୍ରସାଦ ରଥ, କ୍ଷୀରୋଦ ଚନ୍ଦ୍ର ସାମଲ, ଅଭିମନ୍ୟୁ ସାହୁ, ଗୋଲକ ଚନ୍ଦ୍ର ସାହୁ, ନୀଳମଣି ବେହେରା, ଗୁରୁଚରଣ ନାୟକ ପ୍ରମୁଖ ଯୋଗଦେଇ ଆମର ମହାପୁରୁଷ, ସ୍ୱାଧୀନତା ସଂଗ୍ରାମର ଉଜ୍ଜ୍ୱଳ ତାରକାଙ୍କ ବଳିଷ୍ଠ ନେତୃତ୍ୱ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନଙ୍କ ନୀତି ଓ ଆଦର୍ଶ ଆଗାମୀ ସମୟରେ ସମସ୍ତଙ୍କୁ ଅନୁପ୍ରାଣୀତ କରିବ ବୋଲି ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ଗୌରାଙ୍ଗ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଗ୍ରାମୀ ଅନିଲ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା (ପିଏନ୍) : ସଂଗ୍ରାମୀ ତଥା କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଉପସଭାପତି ଅନିଳ ଚନ୍ଦ୍ର ଜେନାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜିକ ସଙ୍ଗଠନ 'ଆହ୍ୱାନ' ଏବଂ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ କମିଟିର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂରୁମ୍ ପରିସରରେ ଅଧାପକ ଅଜୟ ସମାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୨ ମିନିଟ ନୀରବ ପ୍ରାର୍ଥନା ପରେ ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବିପିନି ବିହାରୀ ବାରିକ, ସମ୍ମାନନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ପ୍ରଦୀପ କୁମାର ଦାଶ, ଉପ ସଭାପତି ଧିରେନ୍ଦ୍ର ଦାସ, ସହସଂପାଦକ ସତ୍ୟବ୍ରତ ସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱର୍ଗତ ଜେନା ଜଣେ ସରଳ ନିରଳସ ଜୀବନଯାପନ କରୁଥିବା ମଣିଷ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ କୁମାର ଦାସ, ମାନସ ଧଳ, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ରଞ୍ଜନ ମଳିକ, ସାହିତ୍ୟ ସଂସଦ ସମ୍ପାଦକ ଶୁଭାଂଶୁ କୁମାର ଦାସ, ଦୀପକ ପ୍ରଧାନ, ମାନସ ସାହୁ, ସେକ ୟୁସୁଫ, ସୌକତ ଖାନ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭାର ଆଲୋକପାତ କରିଥିଲେ। ଶେଷରେ ଆଇନଜୀବୀ ଶେଷଦେବ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।




## ରେଳ ବଜେଟ୍ ୨୦୨୫ ରେ ଓଡିଶା ପୁଣି ଅବହେଳିତ - ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର,(ପି.ଏନ): ରେଳମନ୍ତ୍ରୀ ଓଡିଶା ର । କିନ୍ତୁ ରେଳ ବଜେଟ୍ ରେ ଆଜି ଓଡିଶା କୁ ପୁଣି ଥରେ ଅବହେଳାର ଶିକାର ହେବାକୁ ପଡିଛି । ଗତବର୍ଷ ଅପେକ୍ଷା ରେଳ ବଜେଟ୍ ରେ ଓଡିଶା କୁ ଅନୁଦାନ ବହୁତ କମି ଯାଇଛି । ଗତବର୍ଷ ରେଳ ବଜେଟ୍ ରେ ଓଡିଶା କୁ ଅନୁଦାନ ଥିଲା ୧୦ ହଜାର ୫୮୬ କୋଟି ଟଙ୍କା କ୍ଷ ଏ ବର୍ଷ ତାହା ମାତ୍ର ୧୩ କୋଟି ବଢି ୧୦ ହଜାର ୫୯୯ ଟଙ୍କା ହୋଇଛି ।ଓଡିଶା ର ପୂର୍ବତଟ ରେଳଜୋନ୍ ରୁ ବିଶାଖାପାଟଣା ସମେତ ୪୫୦ କିଲୋମିଟର ରେଳ ଲାଇନ ଦକ୍ଷିଣତଟ ରେଳଜୋନ୍ କୁ ଚାଲିଗଲା । କିନ୍ତୁ ଓଡିଶା ର ଯେଉଁ ସବୁ ଖଣିଜ ବହୁଳ ଅଂଚଳ ଚକ୍ରଧରପୁର ଓ ବିଳାସପୁର ଡିଭିଜନ ରେ ରହିଯାଇଛି ତାହା ଓଡିଶା କୁ ଫେରିଲା ନାହିଁ । ରାଉରକେଲା, ରାଜଗାଙ୍ଗପୁର, ଇବ୍, ବେଲପାହାଡ, ବଣେଇ ଭଳି ଖଣିଜ ବହୁଳ ଅଂଚଳ ସମେତ କେଉଁଝର ଓ ମୟୁରଭଞ୍ଜ ଜିଲ୍ଲା ର ଖଣିଜ ବହୁଳ ଅଂଚଳ କୁ ପୂର୍ବତଟ ରେଳବାଇ କୁ ଫେରାଇ ଅଣାଗଲା ନାହିଁ । ଫଳରେ ପୂର୍ବତଟ ରେଳବାଇ ସର୍ବାଧିକ ରାଜସ୍ୱ ଦେଉଥିବା ଜୋନ୍ ହିସାବରେ ଯେଉଁ ନାଁ କରିଥିଲା ତାକୁ ହରେଇ ଶ୍ରୀହୀନ ହୋଇଗଲା ଓ ତାହା ସହିତ ବର୍ଷକୁ ପୂର୍ବତଟ ରେଳବାଇ ୧୨୦୦୦ କୋଟି ଟଙ୍କା ହରେଇଲା ।

# ବଦଳିବ ସାତ ସୀମା ଶୁଳ୍କ ହାର, ବଢ଼ିବ ଶିଳ୍ପ ଓ ବ୍ୟବସାୟ

ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ସଂସଦରେ ଉପସ୍ଥାପିତ କରିଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ସୀମା ଶୁଳ୍କ ହାରକୁ ଯୁକ୍ତିଯୁକ୍ତ କରିବା ଏବଂ ଶୁଳ୍କ ସଂଶୋଧନର ସମାଧାନ ଉପରେ ଧ୍ୟାନ ଦେବା ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯାଇଛି । ଅର୍ଥମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରସ୍ତାବ ଘରୋଇ ଉତ୍ପାଦନକାରୀମାନଙ୍କୁ ସମର୍ଥନ କରିବ ଏବଂ ମୂଲ୍ୟ ବୃଦ୍ଧି ସହିତ ରପ୍ତାନିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ, ଯାହା ଦ୍ୱାରା ବ୍ୟବସାୟ କରିବାରେ ସହଜ ହେବ ଏବଂ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିବ । ଏହି ବଜେଟ୍ ମୁଖ୍ୟତଃ ଜୁଲାଇ ୨୦୨୪ରେ ସୀମା ଶୁଳ୍କ ହାରର ଢାଞ୍ଚା ସମୀକ୍ଷା କରିବାର ପ୍ରତିଶ୍ରୁତି ଉପରେ କେନ୍ଦ୍ରିତ ହୋଇଛି । ନୂତନ ବ୍ୟବସ୍ଥାରେ ଶିଳ୍ପ ସାମଗ୍ରୀ ପାଇଁ ୭ଟି ସୀମା ଶୁଳ୍କ ହାର ହଟାଇବାକୁ ପ୍ରସ୍ତାବ ଦିଆଯାଇଛି । ଏହା ପୂର୍ବରୁ ୨୦୨୩-୨୪ ବଜେଟରେ ୭ଟି ଟିକସ ହାର ହଟାଇ ଦିଆଯାଇଥିବା ବେଳେ 'ଜିରୋ' ଡ୍ୟୁଟି ସମେତ ମାତ୍ର ୮ଟି ଶୁଳ୍କ ହାର ରହିଥିଲା । ବଜେଟରେ ଗୋଟିଏରୁ ଅଧିକ ସେସ୍ କିମ୍ବା ସରଚାର୍ଜ ଲାଗୁ ନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହି ବ୍ୟବସ୍ଥା ୮୨ଟି ଶୁଳ୍କ ଲାଇନକୁ ସେସ୍ ଅଧୀନରେ ସାମାଜିକ କଲ୍ୟାଣ ସରଚାର୍ଜରୁ ମୁକ୍ତ କରିବା ପ୍ରସ୍ତାବକୁ ସୁନିଶ୍ଚିତ କରିଛି ।

ଔଷଧ/ଔଷଧ ଆମଦାନୀ ଉପରେ ରିହାତି ବଜେଟରେ କର୍କଟ ରୋଗୀ ଏବଂ ଅସାଧାରଣ ରୋଗ ଏବଂ ଅନ୍ୟାନ୍ୟ ଗମ୍ଭୀର ରୋଗରେ ପୀଡ଼ିତ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯାଇଛି । ଏହା ଅଧୀନରେ ୩୬ଟି ଜୀବନରକ୍ଷାକାରୀ ଔଷଧ ଓ ଔଷଧକୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ମୌଳିକ ସୀମା ଶୁଳ୍କ (ବିସିଡି) ଔଷଧ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରହିଛି । ଏଥିସହ ୫ ପ୍ରତିଶତ ରିହାତି ସୀମା ଶୁଳ୍କ ସହ ୬ଟି ଜୀବନ ରକ୍ଷାକାରୀ ଔଷଧକୁ ଔଷଧ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରହିଛି । ଏବେ ସମ୍ପୃକ୍ତ ଉତ୍ପାଦନକାରୀଙ୍କ ପାଇଁ ହୋଲସେଲ ଔଷଧ ଉପରେ ସମ୍ପୂର୍ଣ୍ଣ ରିହାତି ଓ ରିହାତି ଦର ଲାଗୁ ହେବ ।ଔଷଧ କମ୍ପାନି ଦ୍ୱାରା ପରିଚାଳିତ ରୋଗୀ ସହାୟତା କାର୍ଯ୍ୟକ୍ରମ ଅଧୀନରେ ନିର୍ଦ୍ଦିଷ୍ଟ ଔଷଧ ଏବଂ ଔଷଧକୁ ମୌଳିକ ସୀମା ଶୁଳ୍କରୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇଥାଏ, ପ୍ରାଥମିକ ସର୍ତ୍ତ ହେଉଛି ରୋଗୀଙ୍କୁ ଔଷଧ ଯୋଗାଣ ମାଗଣାରେ ହେବା ଆବଶ୍ୟକ । ବଜେଟରେ ଏବେ ୧୩ଟି ନୂଆ ରୋଗୀ ସହାୟତା କାର୍ଯ୍ୟକ୍ରମ ସହ ଅନ୍ୟ ୩୭ଟି ଔଷଧକୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରହିଛି ।

ଘରୋଇ ଉତ୍ପାଦନ ଏବଂ ମୂଲ୍ୟ ବୃଦ୍ଧି ପାଇଁ ସହାୟତା

ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ବଜେଟରେ ଇଲେକ୍ଟ୍ରିକ୍ ଯାନ ବ୍ୟାଟେରୀ ଉତ୍ପାଦନ ପାଇଁ ୩୫ଟି ଅତିରିକ୍ତ ପୁଞ୍ଜିସାମଗ୍ରୀ ଏବଂ ମୋବାଇଲ ଫୋନ୍ ବ୍ୟାଟେରୀ ଉତ୍ପାଦନ ପାଇଁ ୨୮ଟି ଅତିରିକ୍ତ ପୁଞ୍ଜିସାମଗ୍ରୀକୁ ମୁକ୍ତ ପୁଞ୍ଜି ସାମଗ୍ରୀ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରହିଛି । ଏହା ଦ୍ୱାରା ମୋବାଇଲ ଫୋନ୍ ଓ ଇଲେକ୍ଟ୍ରିକ୍ ଯାନ ପାଇଁ ଲିଥିୟମ୍-ଆୟନ ବ୍ୟାଟେରିର ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ମିଳିବ ।କୋବାଲ୍ଟ ପାଉଡର ଏବଂ ଏହାର ବର୍ଜ୍ୟବସ୍ତୁ, ଲିଥିୟମ୍-ଆୟନ ବ୍ୟାଟେରୀ, ପାରଦ, ଜିଙ୍କ୍ ଏବଂ ଅନ୍ୟ ୧୨ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ସମ୍ପୂର୍ଣ୍ଣ ଛାଡ଼ ଦେବାକୁ ଅର୍ଥମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ଏହା ଦ୍ୱାରା ଭାରତରେ ଉତ୍ପାଦନ ଉଦ୍ଦେଶ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ ହେବ ଏବଂ ଆମ ଦେଶର ଯୁବକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ । ଏହା ପୂର୍ବରୁ ୨୦୨୪ ଜୁଲାଇ ବଜେଟରେ ଏଭଳି ୨୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ବିସିଡିରୁ ସମ୍ପୂର୍ଣ୍ଣ ଛାଡ଼ ଦିଆଯାଇଥିଲା ।ଶ୍ରୀମତୀ ସୀତାରମଣ ତାଙ୍କ ବଜେଟ୍ ଅଭିଭାଷଣରେ କହିଥିଲେ ଯେ ପ୍ରତିଯୋଗିତାମୂଳକ ମୂଲ୍ୟରେ କୃଷି ବୟନଶିଳ୍ପ, ମେଡିକାଲ ଟେକ୍ସଟାଇଲ୍ ଏବଂ ଜିଓ-ଟେକ୍ସଟାଇଲ୍ ଭଳି ବୈଷୟିକ ଟେକ୍ସଟାଇଲ ଉତ୍ପାଦର ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ମୁକ୍ତ ଟେକ୍ସଟାଇଲ ମେସିନ୍ ତାଲିକାରେ ଅନ୍ୟ ଦୁଇଟି ପ୍ରକାରର ଶଟଲ୍-ବିହୀନ ଲୁଗାକୁ ଅନ୍ତର୍ଭୁକ୍ତ କରିବାକୁ ଯୋଜନା କରାଯାଇଛି । ସେ ଉଲ୍ଲେଖ କରିଛନ୍ତି ଯେ ୯ଟି ଶୁଳ୍କ ଲାଇନରେ ଅନ୍ତର୍ଭୁକ୍ତ ବୁଣା ବସ୍ତ୍ର ଉପରେ ବିସିଡି ଦରକୁ '୧୦ ପ୍ରତିଶତ କିମ୍ବା ୨୦ ପ୍ରତିଶତ'ରୁ 'କିଲୋଗ୍ରାମ ପିଛା ୨୦ ପ୍ରତିଶତ କିମ୍ବା ୧୧୫ ଟଙ୍କା, ଯାହା ଅଧିକ ଥିବ'କୁ ସଂଶୋଧନ କରିବାକୁ ପ୍ରସ୍ତାବ ରହିଛି । ଅର୍ଥମନ୍ତ୍ରୀ କହିଛନ୍ତି ଯେ 'ମେକ୍ ଇନ୍ ଇଣ୍ଡିଆ' ନୀତି ଅନୁଯାୟୀ ଇଣ୍ଟରଆକ୍ଟିଭ ଫ୍ଲାଟ୍ ପ୍ୟାନେଲ୍ ଡିସପ୍ଲେ (ଆଇଏଫ୍ପିଡି)ରେ ବିସିଡିକୁ ୧୦ ପ୍ରତିଶତରୁ ୨୦ ପ୍ରତିଶତକୁ ବୃଦ୍ଧି କରିବା ଏବଂ ଓପନ୍ ସେଲ୍ ଏବଂ ଅନ୍ୟାନ୍ୟ ଉପାଦାନଉପରେ ବିସିଡିକୁ ୫ ପ୍ରତିଶତକୁ ହ୍ରାସ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହି ପଦକ୍ଷେପ ଡ୍ୟୁଟି ଆଡଜଷ୍ଟମେଣ୍ଟ ଢାଞ୍ଚାକୁ ସୁଧାରିବାରେ ସହାୟକ ହେବ ବୋଲି ସେ କହିଛନ୍ତି ।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ଜାହାଜ ନିର୍ମାଣରେ ମୁଖ୍ୟ କାର୍ଯ୍ୟକଳାପ ଆରମ୍ଭ ହେବା ପୂର୍ବରୁ ସମୟ ଲମ୍ବା ଅଟେ । ଏଭଳି ସ୍ଥିତିରେ ଜାହାଜ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ, ଯନ୍ତ୍ରାଂଶ, ଉପଭୋକ୍ତା ସାମଗ୍ରୀ କିମ୍ବା ପାର୍ଟସ୍ ଉପରେ ବିସିଡିରୁ ଛାଡ଼ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଜାରି ରଖିବାକୁ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଜାହାଜ ଭଙ୍ଗାକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିବା ପାଇଁ ରିହାତି ପ୍ରଦାନ କରିବାକୁ ବଜେଟରେ ପ୍ରସ୍ତାବ ଦିଆଯାଇଛି ।ଶ୍ରୀମତୀ ସୀତାରମଣ ଉଲ୍ଲେଖ କରିଛନ୍ତି ଯେ ବର୍ଗୀକରଣ ବିବାଦକୁ ରୋକିବା ପାଇଁ କ୍ୟାରିୟର-ଗ୍ରେଡ୍ ଇଥାରନେଟ୍ ସୁଇଚ୍ ଉପରେ ବିସିଡିକୁ ୨୦ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ କରିବାକୁ ପ୍ରସ୍ତାବ ଦିଆଯାଇଛି ।

ରପ୍ତାନି ପ୍ରୋତ୍ସାହନ

ଦେଶରେ ରପ୍ତାନି କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେତେକ ଟିକସ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରାଯାଉଛି । ହସ୍ତଶିଳ୍ପର ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ରପ୍ତାନି ଅବଧିକୁ ୬ ମାସରୁ ୧ ବର୍ଷକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଆବଶ୍ୟକ ପଡ଼ିଲେ ଅତିରିକ୍ତ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ଏହି ବଜେଟରେ ଶୁଳ୍କ ମୁକ୍ତ ସାମଗ୍ରୀ ତାଲିକାରେ ଆଉ ୯ଟି ଜିନିଷ ଯୋଡିବାକୁ ପ୍ରସ୍ତାବ ରହିଛି । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଘରୋଇ ମୂଲ୍ୟ ବୃଦ୍ଧି ଏବଂ ନିଯୁକ୍ତି ପାଇଁ ଆମଦାନୀ କୁ ସୁଗମ କରିବା ପାଇଁ ଓଦା ନୀଳ ଚମଡ଼ା ଉପରେ ବିସିଡିରୁ ସମ୍ପୂର୍ଣ୍ଣ ଛାଡ଼ ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହାବ୍ୟତୀତ କ୍ଷୁଦ୍ର ଚମଡ଼ାକାରଖାନାଗୁଡ଼ିକର ରପ୍ତାନି କୁ ସୁଗମ କରିବା ପାଇଁ କ୍ରଷ୍ଟ ଚମଡ଼ାକୁ ୨୦ ପ୍ରତିଶତ ରପ୍ତାନି ଶୁଳ୍କରୁ ମୁକ୍ତ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ।

ବ୍ୟବସାୟ କରିବାରେ ସହଜତା ଏବଂ ବାଣିଜ୍ୟର ସୁବିଧା

ବର୍ତ୍ତମାନ ୧୯୬୨ ର ସୀମା ଶୁଳ୍କ ଆଇନରେ ଅସ୍ଥାୟୀ ମୂଲ୍ୟାୟନ ଚୂଡ଼ାନ୍ତ କରିବା ପାଇଁ କୌଣସି ସମୟ ସୀମା ଦିଆଯାଇନାହିଁ, ଯାହା ବ୍ୟବସାୟରେ ଅନିଶ୍ଚିତତା ସୃଷ୍ଟି କରେ ଏବଂ ଖର୍ଚ୍ଚ ବଢ଼ାଇଥାଏ । ଏଭଳି ପରିସ୍ଥିତିରେ ଇଜ ଅଫ୍ ଡୁଇଂ ବିଜନେସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅସ୍ଥାୟୀ ଟିକସ ଆକଳନକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ଦୁଇ ବର୍ଷର ସମୟ ସୀମା ଧାର୍ଯ୍ୟ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହାକୁ ଆବଶ୍ୟକତା ଅନୁଯାୟୀ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇପାରିବ ।

## ବାହାର ଅ ଳର ଟ୍ରକ ଚଳାଚଳକୁ ନେଇ ଦୁଇସଂଘ ଧାରଣାରେ ମାଟୋଆ ସଂଘ ଧାରଣା ୭ମ ଦିନ ପରେ ଜେଟିଏ ସଂଘର ଧାରଣା ଆରମ୍ଭ



ଯୋଡ଼ା (ପିଏନ)- ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ ଜୋରିବାହାଲ ଲୌହ ଖଣିରେ ଖଣିଜ ପରିବହନରେ ଡମ୍ପର ପରିବର୍ତ୍ତେ ବାହାର ଟ୍ରକକୁ ନିୟୋଜିତ କରିବାରୁ ଅ ଳରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହେଲାଣି । ଯୋଡା ମାଇନିଂ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ)ର ଧାରଣା ୭ମ ଦିନରେ ପହ ୍ ଥିବା ବେଳେ ରବିବାର ଦିନ ଠାରୁ ଜୁରୁଡି ଟ୍ରକ ଆସୋସିଏସନ (ଜେଟିଏ) ଧାରଣା ଦେଇଥିବା ଜଣାଯାଇଛି । ପ୍ରେସ ବିବୃ ି ମାଧ୍ୟମରେ ଜେଟିଏ ପକ୍ଷରୁ କୁହାଯାଇଛି ଯେ କାସଭି ଇ ରନେସନାଲ ଜୋରିବାହାଲ ଲୌହଖଣି ସ୍ଥାନୀୟ ଟ୍ରକକୁ କାମନଦେବା ଓ ପରିବହନର ମୂଲ୍ୟ ମନଇଚ୍ଛା ଦେବାରୁ ଏହାର ପ୍ରତିବାଦ କରି ଜୁରୁଡି ଟ୍ରକ ଆସୋସିଏସନ ଜରିବାହାଲ ଠାରେ ଧାରଣା ଦେଇଛି । ଏସମ୍ପର୍କରେ କାସଭି ଖଣିକୁ ଚିଠି ଦେଇ ଦାବି ସମ୍ପର୍କରେ ଜଣାଇଦେଇଛି । ଜୁରୁଡି ଟ୍ରକ ଆସୋସିଏସନର ସମ୍ପାଦକ ମହେନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରଭୁରଞ୍ଜନ ଶତପଥି କହିଛନ୍ତି ଯେ ମନମୁଖୀ କାର୍ଯ୍ୟକୁ ବନ୍ଦ ନକଲା ପର୍ଯ୍ୟନ୍ତ ଏବଂ ବାହାର ଅ ଳର ଗାଡିର ପରିବହନକୁ ବନ୍ଦ ନକଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ସୂଚନା ଦେଇଛନ୍ତି । ଯୋଡା,ଜୁରୁଡି ଏବଂ ଏହାର ଆଖପାଖ ଅ ଳରେ ଥିବା ହଜାର ହଜାର ଟ୍ରକ ମାଲିକ ଖଣି କମ୍ପାନୀର ଏହି ମନମୁଖୀ କାର୍ଯ୍ୟ ପାଇଁ ଋଣଗ୍ରସ୍ତ ହୋଇ କ୍ଷତି ସହୁଛନ୍ତି ବୋଲି ସମ୍ପାଦକ ମହାନ୍ତି ପ୍ରକାଶ କରିଛନ୍ତି । ତେଣେ ପ୍ରଶାସନର ୨ଗୋଟି ସମସାମହୀକ ଧାରଣା ମୁଣ୍ଡବଥାର କାରଣ ପାଲଟିଛି । କିଛି ଟ୍ରକ ମାଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଗ୍ରେଡ ହେରଫେର କରି ଖଣିଜ ପରିବହନ ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ଟ୍ରକ ଗୁଡିକୁ ଖଣି କ ୍ପକ୍ଷ ନିୟୋଜିତ କରୁନାହିଁ । ଏନେଇ କାସଭି ଖଣିର ବରିଷ୍ଠ ଅଧିକାରୀ ଖଣିରେ କୌଣସି ଅନିୟମିତତା ନଥିବା କଥା କହି ପ୍ରକାଶ କରିଛନ୍ତି ଯେ ଦିନେ ଦୁଇଦିନ ମଧ୍ୟରେ ଦୁଇଟି ସଂଘ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ । ସ୍ଥାନୀୟ ଟ୍ରକ ମାଲିକଙ୍କୁ ଉପେକ୍ଷା କରାନଯାଇ ସେମାନଙ୍କ ସମସ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପ ି ନିଆଯିବ ।

## ଜଗନ୍ନାଥ ମନ୍ଦିର ଦାନ ହୁଣ୍ଡି ତାଡି ଲୁଟ

ଯୋଡ଼ା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଟାଉନସିପ ସ୍ଥିତ , ଶ୍ରୀ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ ହୋଇଥିବା ଅଭିଯୋଗ ହୋଇଛି । ସୂଚନାରୁ ପ୍ରକାଶ ଗତକାଲି ଶନିବାର ସଂନ୍ଧ୍ୟାରେ ମନ୍ଦିର ପୂଜା କର୍ମ ସାରି ମନ୍ଦିର ଗ୍ରୀଲ କବାଟ ତାଲା ମାରି ଯାଇଥିଲେ । ତେବେ ଆଜି ରବିବାର ଭୋର ସମୟରେ ମଂଗଳ ଆଳତୀ ନୀତି କରିବାକୁ ଆସି ପୂଜକ ମନ୍ଦିର ଖୋଲିବା ସମୟରେ ମନ୍ଦିରରେ ଥିବା ଛୋଟ ଗେଟ ତାଲା ଭାଙ୍ଗି ଦୃବୃର୍ତ୍ତ ଭିତରେ ପଶିବା ପରେ ଦାନ ହୁଣ୍ଡିରେ ଲାଗିଥିବା ତାଲାକୁ ତାଡି ଲୁଟ କରି ଫେରାର ହୋଇଥିବା ଜାଣିବାକୁ ପାଇଥିଲେ । ତେବେ କିଛି ଖୁଚୁରେ ଟଙ୍କା ପଇସାକୁ ହୁଣ୍ଡିରେ ଛାଡି ଦେଇଥିବା ଦେଖିବାକୁ ମିଳିଥିଲା । ଏନେଇ ପୂଜକ ପକ୍ଷରୁ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିଲେ । କୋଭିଡ କଟକଣା ଯୋଗୁଁ ମନ୍ଦିରେ ଭକ୍ତଙ୍କ ସମାଗମ ନଥିବା କାରଣରୁ ଦାନ ହୁଣ୍ଡିରୁ ପାଖାପାଖି ୮ରୁ ୧୦ ହଜାର ଟଙ୍କା ଲୁଟ ହୋଇଥିବା ମନ୍ଦିର କମିଟି ପରିଚାଳନା ବିଦ୍ୟାଧର ସାହୁ ସୂଚନା ଦେଇଛନ୍ତି । ତେବେ ଯୋଡା ଅ ଳରେ ଚୋର ଓ ଲୁଟେରା ମାନଙ୍କର ପ୍ରାର୍ଦୁଭାବ ବୃଦ୍ଧି ପାଉଥିବା ବେଳେ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ୍ ଘଟଣା, ଭକ୍ତଙ୍କ ମଧ୍ୟରେ ତଥା ଜନସାଧାରଣରେ ତୀବ୍ର ଅସନ୍ତୋଷ ପକାଶ ପାଇଛି ।



## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍ଗୁଡିକ ସମେତ)ର ସମ୍ପତ୍ତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତ୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତ୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଦୁର୍ନୀତି: ବେଆଇନ ନିଯୁକ୍ତି ଅଭିଯୋଗର ତଦନ୍ତ ଆରମ୍ଭ କଲେ ଲୋକାୟୁକ୍ତ ନିର୍ଦ୍ଦେଶାଳୟର ୨ଜଣିଆ ଟିମ

କେନ୍ଦ୍ରାପଡା, (ପିଏନ)- ବହୁ ଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ବେଆଇନ ନିଯୁକ୍ତି ଓ ଆର୍ଥିକ ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ସୋମବାର ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଓଡିଶା ଲୋକାୟୁକ୍ତ ନିର୍ଦ୍ଦେଶାଳୟର ଏକ ୨ଜଣିଆ ଟିମ । ମହାବିଦ୍ୟାଳୟରେ ବେଆଇନ ଭାବରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଷ୍ଟାଫଙ୍କୁ ନିଯୁକ୍ତି ପ୍ରଦାନ ଓ ସେମାନଙ୍କ ମଧ୍ୟରୁ କେତେକ ଷ୍ଟାଫଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳା ଯିବା ଏବଂ ଆର୍ଥିକ ଅନିୟମିତତା ଓ କଲେଜ ଜିମିକିଣା ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ଓଡିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଓ ଅନ୍ୟ ଜଣେ ଅଧିକାରୀ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଥିବା ପଟ୍ଟାମୁଣ୍ଡାଇ +୨ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି । ଅଭିଯୋଗକାରୀ ପ୍ରତାପ ମହାନ୍ତି ଓ ରାଧାକାନ୍ତ ମହାନ୍ତି ଓଡିଶା



ଲୋକାୟୁକ୍ତଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ତତକାଳିନ ଅଧ୍ୟକ୍ଷ ବିପିନ ବିହାରୀ ବାରିକ କେତେକ ଅଧ୍ୟାପକ,ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ବେଆଇନ ନିଯୁକ୍ତି ପ୍ରଦାନ କରିବା ସହ ସେମାନଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳାଯାଇଥିବା,କେତେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା,କେତେକଙ୍କୁ ୨ରୁ ୪ଥର ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିବା,ଆବଶ୍ୟକତା ଠାରୁ ବହୁ ଅଧିକ ସଂଖ୍ୟାରେ ବିଭିନ୍ନ ପଦବୀରେ ବେଆଇନ ଭାବେ ନିଯୁକ୍ତି ପ୍ରଦାନ କରିଥିବା,ନିଯୁକ୍ତିରେ ଜାଲିଆତି କରିବା,ଆର୍ଥିକ ଅନିୟମିତତା କରିଥିବା ଓ ଶ୍ରୀ ବାରିକ ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସମୟରେ ବହୁ ଅନୀୟମିତତା ଓ ଅର୍ଥ ତୋଷରପାତରେ ଜଡିତ ଥିବା ସମ୍ପର୍କରେ ୨ଅଭିଯୋଗକାରୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥିସହିତ ତୁଳସୀ ମହିଳା ମହାବିଦ୍ୟାଳୟରୁ ବଦଳି ହୋଇ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ଯିବା ପରେ ତାଙ୍କର ସର୍ଭିସବୁକ ତୁଳସୀ ମହିଳା କଲେଜରୁ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ପଠାଯାଇନଥିଲେ ମଧ୍ୟ ନିଜ ସର୍ଭିସବୁକକୁ ଜାଲିଆତି କରି ବିଭିନ୍ନ ସମୟରେ ଇନକ୍ରୀମେଂଟ ପ୍ରଭୃତି ସରକାରୀ ଅର୍ଥ ତୋଷରପାତ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଗୁଡିକର ତଦନ୍ତ ପୂର୍ବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଦ୍ୱୟ ଲୋକାୟୁକ୍ତଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହି ଅଭିଯୋଗ ଅନୁଯାଇ ଲୋକାୟୁକ୍ତଙ୍କ କାଯ୍ୟାଳୟରୁ ଆଜି ଏକ ୨ଜଣିଆ ଟିମ କଲେଜରେ ପହଁଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଲୋକାୟୁକ୍ତଙ୍କ ନୋଟିସ ଅନୁଯାଇ ଉଭୟ ଅଭିଯୋଗକାରୀ ତଦନ୍ତ ସମୟରେ କଲେଜରେ ଉପସ୍ଥିତ ଥିଲେ ।

## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡ଼ିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

# କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟରର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ନୋଏଡ଼ା ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ନୋଏଡ଼ା/ ନୂଆଦିଲ୍ଲୀ ତା ୦୩.୦୨.୨୫ ରିଖ: ନୋଏଡ଼ାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଞ୍ଚଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଭବ୍ୟ ଉତ୍ସବ ଉପଲକ୍ଷେ ୧୨୧ ନମ୍ବର ସେକ୍ଟରସ୍ଥିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରଟିକୁ ଖୁବ ସରସ ଓ ସୁନ୍ଦର ଭାବରେ ରଙ୍ଗବେରଙ୍ଗର ଫୁଲ, କପଡ଼ା ଏବଂ ଆଲୋକମାଳା ସହିତ ସଜା ଯାଇଥିବା ଦେଖାଯାଇଥିଲା। ପ୍ରାଣ ପ୍ରତିଷ୍ଠା ପାର୍ବଣକୁ କେନ୍ଦ୍ର କରି ଏଠାରେ ପାଞ୍ଚଦିନ ଯାକ ସଙ୍ଗଠକ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା। ଲକ୍ଷାଧିକ ଭକ୍ତଙ୍କର ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଠାକୁର ଶ୍ରୀସୁଦର୍ଶନଙ୍କର ବିଗ୍ରହମାନଙ୍କରେ ପ୍ରାଣ ସଂସ୍ଥାପନା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ଶ୍ରୀଜଗନ୍ନାଥ ସମିତିର ସଭପତି ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଡଃ ମନୋରଞ୍ଜନ ମହାନ୍ତି, ଉପ-ସଭାପତି ପ୍ରମୋଦ ଭଲ ଏବଂ ଯୁଗ୍ମ ସମ୍ପାଦକ ଧନେଶ୍ୱର ନାୟକ ପ୍ରମୁଖଙ୍କର ନେତୃତ୍ୱରେ କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସମଗ୍ର ମହୋତ୍ସବକୁ ଅଭୁତପୂର୍ବ ଭାବେ ସଫଳ କରାଇବାରେ ସକ୍ଷମ ହୋଇଥିଲେ। ବସନ୍ତ ପଞ୍ଚମୀର ଶୁଭ ତିଥିରେ ଫେବୃୟାରୀ ୨ ତାରିଖ ଦିନ ବହୁ ଆକାଂକ୍ଷିତ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କର୍ତ୍ତାର ଦାୟିତ୍ୱ ନିର୍ବାହ କରି ପ୍ରାଣ ପ୍ରତିଷ୍ଠା ବିଧି ସମ୍ପନ୍ନ କରିଥିଲେ। ଆଦ୍ୟ ସେବକ ଭାବରେ ଗଜପତି ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା ହେବା ପରେ ସର୍ବପ୍ରଥମେ ପୂଜା ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସାଂସଦ ଡଃ ମହେଶ ଶର୍ମା, ଡଃ ରବୀନ୍ଦ୍ର ନାରାୟଣ ବେହେରା, ସୁରେନ୍ଦ୍ର ନାଗର, ବିଧାୟକ ପଙ୍କଜ ସିଂହ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ବରିଷ୍ଠ ବିଜେପି ନେତା ଶ୍ୟାମ ଯାଜୁ, ଉପେନ୍ଦ୍ର ସିଂହ, ରବି ରୋଷନ, ଦିନେଶ ଖାଡ଼ ?, ବିଶିଷ୍ଟ ଉଦ୍ୟୋଗପତି ରାଜେଶ ସହାୟ, ବ୍ରହ୍ମ ମିଶ୍ର, ନାରୀ ନେତ୍ରୀ ଡଃ ଚିଦାତ୍ମିକା ଖଟୁଆ, ଧର୍ମଗୁରୁ ଆଚାର୍ଯ୍ୟ ଶୈଳେଶ ତିୱାରୀ, ସନ୍ଥ ଗୌତମ ଋଷି ଏବଂ ଦିଲ୍ଲୀ ସରକାରର ମନ୍ତ୍ରୀ ସଞ୍ଜୟ ଗେହେଲଟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଶ୍ରୀଜୀଉମାନଙ୍କୁ ଜୀବନ୍ତ ସ୍ୱରୂପ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ପ୍ରାଣ ପ୍ରତିଷ୍ଠା ବିଧିକୁ ହିନ୍ଦୁ ଧର୍ମରେ ଏକ ସ୍ୱତନ୍ତ୍ର ମହତ୍ତ୍ୱ ପ୍ରଦାନ କରାଯାଇଥାଏ। ଏହି ପବିତ୍ର ପର୍ବ ଉପଲକ୍ଷେ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ରୀତିନୀତି, ଉପଚାର, ଆଧ୍ୟାତ୍ମିକ ପ୍ରବଚନ, ବୈଦିକ ସେବା, ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀଗତ ବନ୍ଧୁ ମିଳନ ଆଦିର ଭବ୍ୟ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରକାରର ନୀତିକାନ୍ତି ସମ୍ପନ୍ନ ହେବା ପରେ ପୁରୀର ମୁକ୍ତି ମଣ୍ଡପ ତରଫରୁ ପ୍ରେରିତ ସେବାୟତମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷୀତ ପ୍ରାଣ ପ୍ରତିଷ୍ଠା ପ୍ରକ୍ରିୟା ଚୂଡ଼ାନ୍ତ କରାଯାଇଥିଲା। ଏହି ମହାନ ଧାର୍ମିକ ମହୋତ୍ସବରେ ଭାରତବର୍ଷର ବିଭିନ୍ନ ଦେବସ୍ଥାନ ଯଥା:- ଅଯୋଧ୍ୟା, ହରିଦ୍ୱାର, ଋଷିକେଶ, ପୁରୀ ଓ ବାରାଣାସୀ ଆଦି କ୍ଷେତ୍ରରୁ ସାଧୁ, ସନ୍ଥ, ମହାତ୍ମାଙ୍କ ଭଳି ହିନ୍ଦୁ ଧର୍ମର ତୁଙ୍ଗ ନେତୃବୃନ୍ଦ ଆସି ଯୋଗ ଦେଇଥିବା ମନ୍ଦିର ସୂତ୍ରରୁ ପ୍ରକାଶ।

ପ୍ରାଣ ପ୍ରତିଷ୍ଠା ପରେ ମନ୍ଦିରର ଗର୍ଭଗୃହରେ ଶୋଭା ପାଉଥିବା ସୁସଜ୍ଜିତ ରତ୍ନ ସିଂହାସନ ଉପରେ ଦିଅଁମାନଙ୍କର ବିରାଜମାନର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା। ଏହି ମହୋତ୍ସବ ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସୁନାମଧନ୍ୟ କଳାକାର ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ପ୍ରଦର୍ଶନ କରି ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ସନ୍ତୋଷ ରାଉତଙ୍କର ତତ୍ତ୍ୱାବଧାନରେ ସୁରମହ୍ଲାର ଗ୍ରୁପ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ସାଥି, ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଦିଲ୍ଲୀପ ଚୋପ୍ରା, ଅନୀଲ ଚଞ୍ଚଲ, ବିଖ୍ୟାତ ଭଜନ ଗାୟକ ବିଜୟ ବର୍ମା, ଅମ୍ରିତା ଚତୁର୍ବ ?ଦି, ବିଜୟ ଶର୍ମା, ମୋମାର ବିଶୁ ଓ ରୋହିତ କୁମାର ବବି ଏବଂ ଓଡ଼ିଶାରୁ ଆସିଥିବା ଦାଶ ନୃତ୍ୟଶାଳାର କଳାକାରବୃନ୍ଦ ଅନ୍ୟତମ ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଖ୍ୟାତ ଆଧ୍ୟାତ୍ମିକ ପ୍ରବଚକ ସ୍ୱାମୀ ମାଧବାନନ୍ଦ ମହାରାଜ ଶ୍ରୀଜଗନ୍ନାଥ ଅମୃତ କଥା ଉପସ୍ଥାପନ କରିଥିଲେ। ସମଗ୍ର ପାଞ୍ଚଦିନ ଧରି ମା ଖରାଖାଇ କୀର୍ତ୍ତନ ମଣ୍ଡଳୀ ସେମାନଙ୍କର ସୁଲଳିତ ବାଜଣା ଓ ସୁମଧୁର ଭକ୍ତି ସଙ୍ଗୀତରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

ପ୍ରାଣ ପ୍ରତିଷ୍ଠା ମହୋତ୍ସବକୁ ସୂଚାରୁ ରୂପେ ଆୟୋଜନ ଓ ସୁରୁଖୁରରେ ସମାପନ କରିବାରେ ପରିଚାଳନାରେ କମିଟିର ସୁଦକ୍ଷ ସଦସ୍ୟ ବୃନ୍ଦ ଯଥା:- ନିଗମ ମହାନ୍ତି, ପ୍ରଶାନ୍ତ ଖିଲାର, ଅଭିମନ୍ୟୁ ପରିଡ଼ା, କିଶୋର ପରିଡ଼ା, ଦିଲ୍ଲୀପ ସ୍ୱାଇଁ, ରମେଶ ନାୟକ, ଅକ୍ଷୟ ସ୍ୱାଇଁ, ପ୍ରକାଶ ରାୟ, ଆଦିତ୍ୟ ସ୍ୱାଇଁ, ଦେବବ୍ରତ ମିଶ୍ର, ସୁବ୍ରତ ଜେନା, ସୁବଳ ବେହେରା ରବୀନ୍ଦ୍ର ନାୟକ, ପ୍ରସାଦ ପରିଡ଼ା, ପ୍ରଭାତ ଜେନା, ଅରୁଣ ସ୍ୱାଇଁ, ଶିବରାମ ପାଣିଗ୍ରାହୀ, ଭରତ ପ୍ରଧାନ, ଏ.ଆର୍. ପରିଜା, ଯୁଧିଷ୍ଠିର ନାୟକ, ସୁଶାନ୍ତ ସୂତାର, ଅଜୟ କୁଅଁର, ହଳଧର ପାତ୍ର, ରବି ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ଦେବବ୍ରତ ନାୟକ, ଅନୁପ ପରିଡ଼ା, ସନି ପରିଡ଼ା, ମହେଶ ପରିଡ଼ା ଓ ବିକ୍ରମ ପରିଡ଼ାଙ୍କର ଭୂମିକା ଖୁବ ଉଲ୍ଲେଖନୀୟ ଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭଦ୍ରେଶ୍ୱର ଥାନାରେ ତ୍ରିନାଥ ମେଳା ଅନୁଷ୍ଠିତ






ମାହାଙ୍ଗା,(ପି.ଏନ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ଥାନା ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ପୂଜକ ଭାବେ ମଦନମୋହନ ମିଶ୍ର, କର୍ତ୍ତା ଭାବେ ପ୍ରୀତିରଂଜନ ରାୟ, କର୍ତ୍ତୀ ଭାବେ ଜ୍ୟୋତ୍ସ୍ନାମୟୀ ରାୟ, ଅଂଶ ଗ୍ରହଣ କରି ପ୍ରଭୁ ତ୍ରିନାଥଙ୍କର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସଂଧ୍ୟାରାଣୀ ସିଂ, ଏସ୍‌ଆଇ ଅନୀଲ କୁମାର ନାୟକ, କାମାକ୍ଷାପ୍ରସାଦ ନାୟକ, କନେଷ୍ଟବଲ ଅରକ୍ଷିତ ସେଠୀ, ସେକ୍ ସଲିମ୍, ଡ୍ରାଇଭର ପଂକଜ ସିଂ, ଦାମୋଦର ମହାରଣା, କୁଶେଇ ସେଠୀ, ମାନସ ରଂଜନ ସ୍ୱାଇଁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ । ସଂଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ବିଭିନ୍ନ ଥାନାର ଅଧିକାରୀ ଓ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

# ରାଜଧାନୀରେ ପାରମ୍ପାରିକ ଓଡ଼ିଆ ପୂଜା ପଦ୍ଧତିରେ ସରସ୍ୱତୀ ପୂଜା ପାଳନ କରାଗଲା



ନୂଆଦିଲ୍ଲୀ, (ପି.ଏନ): ଦିଲ୍ଲୀ ଓଡ଼ିଆ ଛାତ୍ର ସଂଗଠନ (DOSA) ରାଜଧାନୀରେ ଓଡ଼ିଆ ସମ୍ପ୍ରଦାୟକୁ ଏକାଠି କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗାନ୍ଧୀ ଭବନରେ ପାରମ୍ପାରିକ ଓଡ଼ିଆ ଶୈଳୀ ରେ ସରସ୍ୱତୀ ପୂଜା ଉତ୍ସବ ଆୟୋଜନ କରିଥିଲା । ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବା ସହ ଛାତ୍ର - ଛାତ୍ରୀ ଙ୍କୁ ଆଶିଷ ପ୍ରଦାନ କରିଥିଲେ। କେନ୍ଦ୍ର ଶିକ୍ଷ୍ୟାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ର ଉପ କୁଳାଧିପତି ଶ୍ରୀ ଯୋଗେଶ୍ ସିଂ, ରେଜିଷ୍ଟରର ଡ଼. ବିକାଶ ଗୁପ୍ତା, ମହାବିଦ୍ୟାଳୟ ମାନଙ୍କର ଡିନ୍ ବଳରାମ ପାଣି, ଓ ଅନ୍ୟାନ୍ୟ ପ୍ରଧାନ ଆଚ଼ାର୍ଯ୍ୟଗଣ, ତଥା ଅଧ୍ୟାପକ ଙ୍କ ସମେତ ସମ୍ମାନିତ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମକୁ ଅନୁଗ୍ରହ ପ୍ରଦାନ କରିଥିଲେ। ଦେବୀ ସାରଦାଙ୍କ ଆନୁଷ୍ଠାନିକ ମୂର୍ତ୍ତି ସ୍ଥାପନ ସହିତ ଏହି ସମାରୋହ ଆରମ୍ଭ ହୋଇଥିଲା, ତା'ପରେ ରୀତିନୀତି ଅନୁଯାୟୀ ପୂଜା, ମନ୍ତ୍ର ଜପ ଏବଂ ଦେବତାଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ସମାରୋହ ରେ ପାଞ୍ଚଶହ ରୁ ଉର୍ଦ୍ଧ୍ୱ ଓଡ଼ିଆ ଏବଂ ଅଣଓଡ଼ିଆ ଛାତ୍ରଛାତ୍ରୀ ଯୋଗଦାନ କରି ଉତ୍ସବ ର ଆନନ୍ଦ ନେଇଥିଲେ। ସଙ୍ଗଠନ ର ସଦସ୍ୟମାନେ ଓଡିଆ ପାରମ୍ପାରିକ ସଙ୍ଗୀତ, ନୃତ୍ୟ ଏବଂ ବାଦ୍ୟଯନ୍ତ୍ର ସମେତ ଆକର୍ଷଣୀୟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶା ର ସାଂସ୍କୃତିକ ଐତିହ୍ୟ କୁ ପ୍ରଦର୍ଶତ କରିଥିଲେ । ଓମ୍ କୁମାର ବାରିକ ( ଅଧକ୍ଷ), ସମୀର ରଞ୍ଜନ ସାହୁ ଓ ଦିବ୍ୟା ମହାରଣା ( ଉପାଧକ୍ଷ) ଏବଂ ବିଶ୍ୱଜିତ୍ ସାହୁ ( ସାଧାରଣ ସଚ଼ିବ ) ତଥା ପରିଷଦ ର ଅନ୍ୟ ସଦସ୍ୟଙ୍କ ନେତୃତ୍ୱ ଏବଂ ସହଯୋଗ ରେ ପୂଜା ଟି ସୁରୁଖୁରୁ ରେ ସମ୍ପୂର୍ଣ ହେଲା।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହାୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼୍‌-ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା। ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେ'ାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା। ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛଁ । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ। ସେହପରି ଯାଜପୁର ରୋଡ଼୍ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ। ଯାଜପୁର-କେନ୍ଦୁଝର - ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ। ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛଁ । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି ।

**ପୂର୍ବ ତଟ ରେଳପଥ**

₹ 13,70,85,184.91, EMD

www.ireps.gov.in

PR-943/P/24-25




# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢ଼ୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ପତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday February 04 | ଭୁବନେଶ୍ୱର | ମଙ୍ଗଳବାର, ଫେବୃଆରୀ ୦୪,୨୦୨୫ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com


# ବଡ଼ ସଫଳତା ପାଇଛି ଆମ୍ବୋଦଳା ପୋଲିସ

ଭୁବନେଶ୍ୱର,(ପି.ଏନ): ମୁନିଗୁଡା ବ୍ଲକ ଅମ୍ବାଦଳାର ସୁନା ଦୋକାନରୁ ଲୁଟ୍ ଘଟଣା ପରଦାଫାସ୍ କରିଛି ରାୟଗଡା ପୋଲିସ। ଏହି ଲୁଟ୍ ଘଟଣାରେ ଆସ୍କା ଥାନା ପୁଲିସ ସହାୟତାରେ ଅମ୍ବାଦଳା ପୋଲିସ ଜଣେ ଜୁଭେନାୟଲଙ୍କୁ ଗିରଫ କରିବା ସହ ତାଠାରୁ ୪୩୧ ଗ୍ରାମର ବିଭିନ୍ନ ସୁନା ଅଳଙ୍କାର ଜବତ କରିଛି। ଏହା ସହ ଏକ ମଟର ସାଇକୋଲକୁ ମଧ୍ଯ ପୁଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଅତିଶୀଘ୍ର ଗିରଫ କରାଯିବା ନେଇ ରାୟଗଡା ଏସପି ସ୍ୱାଥୀ ଏସ୍ .କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ଡିସେମ୍ବର ୯ ତାରିଖ ସାହୁ ଦୋକାନ ମାଲିକ ମହେଶ୍ୱର ନାୟକ ଦୋକାନ ଖୋଲିବା ସମୟରେ ଗିରଫ୍ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ ଏକ ଆପାଚି ଗାଡିରେ ହଠାତ୍ ଦୋକାନ ପାଖକୁ ଆସି ସମସ୍ତ ସୁନା ଅଳଙ୍କାର କୁ ଲୁଟି ନେଇଥିଲେ। ପରେ ଏନେଇ ଦୋକାନ ମାଲିକ ମହେଶ୍ୱର ନାୟକ ଅମ୍ବାଦଳା



ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଲୁଟ୍ ଘଟଣାକୁ ଗୁରୁତର ସହ ନେଇ ଏସ୍ପି ଦୁଇ ଜଣ ଏସଡିପିଓ ଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ, ତତ ସହିତ ଆସିକା ପୋଲିସ ଏବଂ ଜିଲ୍ଲା ପୋଲିସ ର ମିଳିତ ଉଦ୍ୟମରେ ଜଣେ ଜୁଭେନାଲକୁ ଗିରଫ୍ କରିବାରେ ସଫଳ ହୋଇଛି। ତେବେ ଅନ୍ୟଜଣେ ଅଭିଯୁକ୍ତ କୁ ପୁଲିସ ଶୀଘ୍ର ଗିରଫ କରିବାରେ ସଫଳ ହେବ ବୋଲି ରାୟଗଡା ଏସପି ସୂଚନା ଦେଇଛନ୍ତି। ରାୟଗଡା ରୁ ଶସ୍ୟଜ୍ୟୋତି ବେହେରା ଙ୍କ ରିପୋର୍ଟ ।

# ମାହାଙ୍ଗା ସେବା ମଞ୍ଚ ପକ୍ଷରୁ କମ୍ବଳ ବଣ୍ଟନ

ମାହାଙ୍ଗା,(ପି.ଏନ): ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ଅନୁଷ୍ଠାନର ଅଧ୍ୟକ୍ଷ ଡାକ୍ତର ସୂର୍ଯ୍ୟ ପ୍ରକାଶ ଶିବନାରାୟଣ ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧନାରେ କୁହୁଣ୍ଡା ପଂଚାୟତର କୁମୁଡାହାଟଠାରେ ଗରିବ ଆଦିବାସୀମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହସଂପାଦକ ମନୋଜ କୁମାର ପଣ୍ଡା, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ଯୁଗ୍ମ ସଂପାଦକ ଶ୍ୟାମସୁନ୍ଦର ସ୍ୱାଇଁ, ପରକ୍ଷିତ ବେହେରା, ପ୍ରମୋଦ କୁମାର ସାହୁ, ରାଜୀବ ଲୋଚନ ନାୟକ, ରଶ୍ମିରଂଜନ ପ୍ରଧାନ, ପ୍ରଦୀପ୍ତ ରାଉତରାୟ, ଆର୍ତ୍ତତ୍ରାଣ ବିଶ୍ୱାଳ, ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ସମାଜରେ ଥିବା ଏହି ଗରିବ ଆଦିବାସୀ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ । ପରେ ଓଳାଶୁଣୀ ଗୁମ୍ଫା ମେଳାରେ ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ଏକ ଅସ୍ଥାୟୀ ମାଗଣା



ସ୍ୱାସ୍ଥ୍ୟସେବା ଶିବିରକୁ ଉଦ୍‌ଘାଟନ କରି ଡାକ୍ତର ଶିବନାରାୟଣ ଚୌଧୁରୀ ଜନସାଧାରଣଙ୍କର ସେବାରେ ଉକ୍ତ ଅନୁଷ୍ଠାନ କିଭଳି ତା'ର କାର୍ଯ୍ୟକ୍ରମ ଜାରୀ ରଖିଛି ସେ ସଂପର୍କରେ ମତବ୍ୟକ୍ତ କରିଥିଲେ । ଓଳାଶୁଣୀ ମେଳାକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ଭିତରେ ଯଦି କୌଣସି ବ୍ୟକ୍ତି ଅସୁସ୍ଥ ଅନୁଭବ କରନ୍ତି ତାହାହେଲେ ତୁରନ୍ତ ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ମାଗଣା ସେବା ସହ ଔଷଧ ବଣ୍ଟନ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ତେବେ ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିର ୧୦ ଦିନ ଧରି ସେବା ଯୋଗାଇବ ବୋଲି ଜଣାପଡିଥିଲା ।

# ନିଆରା ଢଙ୍ଗରେ ଶ୍ରୀ ପଞ୍ଚମୀ / ବସନ୍ତ ପଞ୍ଚମୀ ପାଳନ କରିଛି ଅଭ୍ୟାସ ଟେକ୍ନୋ ସ୍କୁଲ ପଦ୍ମପୁର

ରାୟଗଡତା,(ପି.ଏନ) : ୦୨ . ୦୨ . ୨୦୨୫ ରିଖ ରବିବାର ଦିନ ସ୍ଥାନୀୟ ପଦ୍ମପୁର ସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲରେ ନିଆରେ ଢଙ୍ଗରେ ଶ୍ରୀ ବସନ୍ତ ପଞ୍ଚମୀ ପାଳନ କରାଯାଇଅଛି ।ଏହାର ମୁଖ୍ୟ ଆକର୍ଷଣ ଥିଲା ନୂତନ ପିଲାମାନଙ୍କ ଅକ୍ଷର ଅଭ୍ୟାସ କାର୍ଯ୍ୟକ୍ରମ । ଏହା ଗୋଟିଏ ଇଂରାଜୀ ମାଧ୍ୟମ ସ୍କୁଲ ହେଲେ ମଧ୍ୟ ସେ ସର୍ବଦା ଆମ ପରମ୍ପରାକୁ ବଜାୟ ରଖିବା ପାଇଁ ଚେଷ୍ଟା କରି କିଛି ଅଲଗା ଚିନ୍ତା କରିଛି । ଆଜିର ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦ୍ୟେଶ ଥିଲା ଅଞ୍ଚଳର ସମସ୍ତ କୁନି କୁନି ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା । ତେଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିନା ମୂଲ୍ୟରେ ଅକ୍ଷର ଅଭ୍ୟାସ ନିମନ୍ତେ ଆବଶ୍ୟକୀୟ ସିଲଟ



, ଖାତା , ଖଡି , ପେନ୍ ସିଲ , ରବର ଇତ୍ୟାଦି ସାମଗ୍ରୀ ବଣ୍ଟନ କରାଯାଇ ବିନା ପଇସାରେ ଅକ୍ଷର ଅଭ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ବହୁସଂଖ୍ୟାରେ ଅଭିଭାବକ ମାନେ ଆସି ଆନନ୍ଦର ସହ ନିଜ ନିଜ ପିଲାଙ୍କ ଅକ୍ଷର ଅଭ୍ୟାସ କରାଇଥିଲେ । ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦର ସେବନର ମଧ ବ୍ୟବସ୍ଥା କରାଯାଇଥିଲା।

# କେନ୍ଦ୍ରାପଡାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ସଦର ମହକୁମାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରପରିଷଦ ଟାଉନ୍‌ହଲ୍‌ରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡିଏସପି (ଡି.ଆଇ.ବି) ଲକ୍ଷ୍ମୀ ନାରାୟଣ ତିୱାରି, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ତହସିଲଦାର ତାପସ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, କେନ୍ଦ୍ରାପଡା ପୌରପରିଷଦ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସମସ୍ତ



ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୨୩ ଟି ସାମୁହିକ ଏବଂ ୧୫୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏକଲକ୍ଷ ୧୦ହଜାର ଟଙ୍କା ୧୪ ଜଣ ଆବେଦନକାରୀଙ୍କୁ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୫ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ ୨୮ହଜାର ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜାଗା ପ୍ରଦାନ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ନିୟମରେ ସଂଶୋଧନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା ।

# ଧାନ ମଣ୍ଡିରେ ଧାନ ନକିଣି ରାଜ୍ୟ ସରକାର ନିର୍ଦ୍ଧିଷ୍ଟ ଦରରେ ଖୋଲା ବଜାରରୁ ଧାନ କ୍ରୟ କରିବାକୁ ଉଠିଲା ଦାବି

ମାହାଙ୍ଗା,(ପି.ଏନ): ଦୀର୍ଘ ବର୍ଷ ଧରି ସରକାର ସେବା ସମବାୟ ସମିତି ଅଧିନରେ ଚାଷୀମାନଙ୍କଠାରୁ ଧାନ ମଣ୍ଡି ମାଧ୍ୟମରେ ଧାନ କ୍ରୟ କରୁଛନ୍ତି । ହେଲେ ପ୍ରକୃତ ଚାଷୀ ଏହାର ଫାଇଦା ପାଇ ପାରୁ ନାହିଁ । ବଡ ବଡ ଚାଷୀମାନେ ନିଜେ ଜମିକୁ ଚାଷ ନକରି ଭାଗଦାରୀଙ୍କୁ ଜମି ଭାଗ ଦେଇ ସେମାନଙ୍କଠାରୁ ପାଉଥିବା ଧାନକୁ ଧାନ ମଣ୍ଡିରେ ବିକ୍ରୟ କରୁଛନ୍ତି । ହେଲେ ଭାଗଚାଷୀ ନିଜର ଜମି ନଥିବାରୁ ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି କରିବାରୁ ବଞ୍ଚିତ ହୋଇ ବିଭିନ୍ନ ଅଂଚଳର ଘରୋଇ ଧାନ ବେପାରୀଙ୍କୁ କୁଇଣ୍ଟାଲ ପିଛା ୧୮୦୦ ରୁ ୧୯୦୦ ଟଙ୍କାରେ ଧାନ ବିକ୍ରି କରୁଛନ୍ତି । ଅପରପକ୍ଷରେ ଧାନ ମଣ୍ଡି ବେପାରୀ, ବେପାରୀ ସେବାସମବାୟ ସମିତିର ସଂପାଦକ ,ସଭାପତି ଓ ରାଜନୈତିକ ଦଳର ନେତାଙ୍କ କବ୍‌ଜାରେ ରହିଆସୁଅଛି । ବେପାରୀମାନେ କିଛି ଚାଷୀଙ୍କର ଟୁକନ ସଂଗ୍ରହ କରି ଏପରିକି ଜମି ନଥିବା ମହିଳାଙ୍କ ନାମରେ ୫ ଏକରରୁ ଉର୍ଦ୍ଧ୍ୱ ଜମି ଦର୍ଶାଇ ଟୁକନ ସଂଗ୍ରହ କରି ମାହାଙ୍ଗା ଅଂଚଳରେ ଧାନ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଫଳରେ କ୍ଷୁଦ୍ରଚାଷୀ ଓ ଭାଗଚାଷୀମାନେ ଧାନମଣ୍ଡିରେ ଧାନ ବିକ୍ରୟ କରିପାରୁନାହାଁନ୍ତି । ସରକାର ଧାନ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୨୩୦୦ ଓ ପ୍ରୋତ୍ସାହନ ରାଶି ୮୦୦ ମୋଟ ୩୧୦୦ ଟଙ୍କା ମଣ୍ଡିରେ ଧାନ ବିକ୍ରି କରୁଥିବା ଚାଷୀମାନଙ୍କୁ ଦେଉଛନ୍ତି । ଚାଷୀଙ୍କ ନାମରେ ବେପାରୀ ଫାଇଦା ଉଠାଉଛନ୍ତି । ଧାନ କାରବାରରେ ବ୍ୟାପକ ଅନୀୟମିତତା ହେଉଛି । ଭାଗଚାଷୀ ଓ କ୍ଷୁଦ୍ରଚାଷୀ ଚାଷରୁ ଉତ୍ପାଦିତ କରି ଚାଷ କରିଥାଆନ୍ତି । ବର୍ତ୍ତମାନର ରବି ଚାଷ ପାଇଁ ସାର, ବିହନ ଓ ହଳ ବାବଦ ଅର୍ଥ ପ୍ରଦାନ କରିବାକୁ ଯାଇ ବାଧ ହୋଇ ଧାନ ୧୮୦୦ ରୁ ୧୯୦୦ ଟଙ୍କାରେ ଖୋଲା ବଜାରରେ ବିକ୍ରି କରୁଛନ୍ତି । ଯାହାଫଳରେ କ୍ଷୁଦ୍ର ଓ ଭାଗ ଚାଷୀ ଯେଉଁ ଗରିବକୁ ସେହି ଗରିବ । ରାଜ୍ୟ ସରକାର, ଯୋଗାଣ ବିଭାଗ, ସମବାୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷୁଦ୍ର ଓ ଭାଗଚାଷୀଙ୍କ ପାଇଁ ଖୋଲା ବଜାରରେ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୨୮୦୦ ଟଙ୍କା ରଖିବାକୁ କ୍ଷୁଦ୍ର ଓ ଭାଗଚାଷୀଙ୍କ ମହଲରେ ଦାବି ହେଉଛି । ଅପରପକ୍ଷରେ ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୬ କେଜି ଧାନ କାଟ୍ କରାଯାଉଥିଲା ବେଳେ ଏହି ଅର୍ଥକୁ ମିଲର, ରାଜନୈତିକ ନେତା, ପ୍ରଶାସନିକ ଅଧିକାରୀ, ଓ ସେବାସମବାୟ ସମିତିର କର୍ମଚାରୀଙ୍କ ଭାଗବାଣ୍ଟ କାହାର କେତେ ସେ ନେଇ ଚର୍ଚ୍ଚା ଯୋରଦାର ହୋଇଥିଲା ବେଳେ ପ୍ରତ୍ୟେକ ସେବା ସମବାୟ ସମିତିର ସଂପାଦକମାନଙ୍କର ଦୀର୍ଘ ୧୦ ବର୍ଷ ଧରି କେତେ ପରିମାଣର ସଂପତି ବଢିଛି ସେ ସଂପର୍କରେ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବା ନେଇ ମାହାଙ୍ଗା ଅଂଚଳର ବୁଦ୍ଧିଜୀବୀ ମହଲରେ ରାଜ୍ୟ ସରକାରଙ୍କଠାରେ ସର୍ବସାଧାରଣରେ ଦାବି ହେଉଛି ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray